

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର, ୨୫ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 25 JUNE 2022

Vol.No. 35 ■ No. 164 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

ଆଉ ନାହାନ୍ତି ଲୋକପ୍ରିୟ ଖଳନାୟକ ରାଇମୋହନ

ଘରୁ ମିଳିଲା ଝୁଲନ୍ତା ମୃତଦେହ, ସ୍ତବ୍ଧ ଓଲିଉଡ୍ ଓ ଯାତ୍ରା ଜଗତ , ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

ଭୁବନେଶ୍ୱର,୨୪/୦୬ (ନି.ପ୍ର): ଅକାଳରେ ଚାଲିଗଲେ ଓଲିଉଡର ବରିଷ୍ଠ ଅଭିନେତା ରାଇମୋହନ ପରିଡ଼ା।ସେ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି।ଭୁବନେଶ୍ୱରର ମଂଚେଶ୍ୱର ଥାନା ଅନ୍ତର୍ଗତ ପ୍ରାଚୀ ବିହାରସ୍ଥିତ ଘରୁ ଶୁକ୍ରବାର ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ମିଳିଛି। ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ୍ ହସ୍‌ପିଟାଲ୍‌କୁ ପଠାଇଛି। ରାଇମୋହନଙ୍କ ମୃତ୍ୟୁରେ ଓଲିଉଡ୍ ଓ ଯାତ୍ରା ଜଗତରେ ଶୋକର ଛାୟା ଖେଳିଯାଇଛି। ଶହ ଶହ ସଂଖ୍ୟାରେ ସିନେ ଓ ଯାତ୍ରା କଳାକାରଙ୍କ ସମେତ ସାଧାରଣ ଲୋକେ ତାଙ୍କ ଶେଷ ଦର୍ଶନ ପାଇଁ ପ୍ରାଚୀ ବିହାର ସ୍ଥିତ ଘରେ ଭିଡ ଜମାଇଥିଲେ । କ୍ୟାପିଟାଲ ହସ୍ପିଟାଲକୁ ତାଙ୍କ ମୃତଦେହ ନିଆଯାଇଥିବା ବେଳେ ହସ୍ପିଟାଲ ପରିସର ମଧ୍ୟ ଲୋକାରଣ୍ୟ ହୋଇଯାଇଥିଲା। ସେଠାରୁ ତାଙ୍କ ମରଶରୀରକୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ନିଆଯାଇଥିଲା। ସେଠାରେ ବହୁ ଅଧ୍ୟାପକ ଓ ଛାତ୍ରଛାତ୍ରୀ ଶେଷ ଦର୍ଶନ କରିଥିଲେ। ପରେ ରାଇମୋହନଙ୍କ ପାର୍ଥିବ ଶରୀରକୁ ଶେଷଦର୍ଶନ ପାଇଁ ତାଙ୍କ ଘରକୁ ନିଆଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ରାଇମୋହନଙ୍କର ପତ୍ନୀ ଓ ୨ ଝିଅ ଅଛନ୍ତି। ଜଣେ ଝିଅ ବିବାହ କରିଥିବା ବେଳେ ରାଇମୋହନ ପ୍ରାଚୀ ବିହାର ଘରେ ପତ୍ନୀ ଓ ସାନ ଝିଅ ସହିତ ରହୁଥିଲେ। ରାଇମୋହନ ପରିଡ଼ାଙ୍କ ମୃତଦେହ ପୁଲିସ ଉଦ୍ଧାର କରିବା ପୂର୍ବରୁ ତାଙ୍କ ଝିଅଙ୍କ ମୋବାଇଲ୍ ଫୋନ୍ କୁ ମେସେଜ ଆସିଥିଲା ବୋଲି ମଂଚେଶ୍ୱର ପୁଲିସ କହିଛି। ରାଇମୋହନଙ୍କ ମୋବାଇଲ ନମ୍ବରରୁ ପତ୍ନୀ ଓ ୨ ଝିଅଙ୍କ ପାଖକୁ ଆସିଥିବା ମେସେଜରେ 'ବାଏ' ଉଲ୍ଲେଖ ରହିଛି। ତେବେ ମେସେଜରେ ▶▶ପୃଷ୍ଠା ୭

ଓଡ଼ିଶା ଉପକୂଳରୁ ଭିଏଲ-ଏସଆର ସାମ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ଭୁବନେଶ୍ୱର, ୨୪/୦୬ (ନି.ପ୍ର): ଓଡ଼ିଶା ଉପକୂଳ ଚାନ୍ଦିପୁର ସ୍ଥିତ ସମନ୍ୱିତ ପରୀକ୍ଷଣ ଘାଟୀ (ଆଇଟିଆର) ଠାରେ ଭୂପୃଷ୍ଠରୁ ଆକାଶକୁ ମାଡ଼ କରାଯାଇପାରୁଥିବା ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର (ଭିଏଲ-ଏସଆର ସାମ୍)ର ଭୂଲମ୍ବ ଉତକ୍ଷେପଣ କରାଯାଇଛି। ଶୁକ୍ରବାର ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଏବଂ ଭାରତୀୟ ନୌସେନାର ମିଳିତ ଉଦ୍ୟମରେ ଏହି କ୍ଷେପଣାସ୍ତ୍ରର ଫ୍ଲାଇଟ୍ ଟେଷ୍ଟ ବା ଆକାଶମାର୍ଗ ପରୀକ୍ଷଣ ସଫଳ ହୋଇଛି। ଭିଏଲ-ଏସଆର ସାମ୍ କ୍ଷେପଣାସ୍ତ୍ର ହେଉଛି ଯୁଦ୍ଧ ଜାହାଜରେ ଖଞ୍ଜା ହେଉଥିବା ଏକ ଅସ୍ତ୍ର ପ୍ରଣାଳୀ, ଯାହାକି ସମୁଦ୍ର ପତନ ଉପରେ କ୍ଷୀପ୍ର ବେଗରେ ଆସୁଥିବା ଲକ୍ଷ୍ୟ ବା ସି ସ୍କିମିଂ ଟାର୍ଗେଟ ସମେତ ଆକାଶମାର୍ଗରୁ ଆସୁଥିବା ବିଭିନ୍ନ ପ୍ରକାର ବିପଦ ଏବଂ ଯୁଦ୍ଧାସ୍ତ୍ରକୁ ନିଷ୍କ୍ରିୟ କରିବାକୁ ସକ୍ଷମ । ଆକାଶମାର୍ଗରେ ଏକ ନକଲି ବିମାନରୁ ଦ୍ରୁତ ଗତିରେ ଆସୁଥିବା ଲକ୍ଷ୍ୟ ବିରୋଧରେ ଏହି କ୍ଷେପଣାସ୍ତ୍ର ପ୍ରଣାଳୀକୁ ଉତକ୍ଷେପଣ କରାଯାଇଥିଲା ଏବଂ ଏହା ସଫଳତା ପୂର୍ବକ ନିର୍ଦ୍ଧାରିତ ଲକ୍ଷ୍ୟ ଭେଦ କରିବାରେ ସକ୍ଷମ ହୋଇଥିଲା। ଚାନ୍ଦୀପୁର ଆଇଟିଆର ପକ୍ଷରୁ ନିୟୋଜିତ ହୋଇଥିବା ଏକାଧିକ ଟ୍ରାକିଂ ଉପକରଣ ମାଧ୍ୟମରେ କ୍ଷେପଣାସ୍ତ୍ରର ଗତି ଓ ମାର୍ଗ ସମେତ ସମସ୍ତ କାର୍ଯ୍ୟକ୍ଷମତା ମାପଦଣ୍ଡ ନିରୀକ୍ଷଣ କରାଯାଇଥିଲା । ଡିଆରଡିଓ ଏବଂ ଭାରତୀୟ ନୌସେନାର ବରିଷ୍ଠ ଅଧିକାରୀମାନେ ଏହି କ୍ଷେପଣାସ୍ତ୍ର ପରୀକ୍ଷଣର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଅନୁଧ୍ୟାନ କରିଥିଲେ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ପାଇଁ ଡିଆରଡିଓ, ଭାରତୀୟ ନୌସେନା ଏବଂ ଉଦ୍ୟୋଗ ଜଗତକୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ, ଏହି କ୍ଷେପଣାସ୍ତ୍ର ପ୍ରଣାଳୀ ସାମିଲ ହେବା ଫଳରେ ଆକାଶମାର୍ଗରୁ ଆସୁଥିବା ବିପଦ ବିରୋଧରେ ଭାରତୀୟ ନୌସେନାର ଯୁଦ୍ଧ ଜାହାଜ ଗୁଡ଼ିକର କ୍ଷମତା ଆହୁରି ବୃଦ୍ଧି ପାଇବ । ▶▶ପୃଷ୍ଠା ୭

ମୃତ୍ୟୁ ପରେ ରାଇମୋହନଙ୍କ ଚକ୍ଷୁଦାନ

ଭୁବନେଶ୍ୱର, ୨୪/୦୬ (ନି.ପ୍ର): ମୃତ୍ୟୁ ପରେ ରାଇମୋହନଙ୍କ ଚକ୍ଷୁଦାନ କରିଛନ୍ତି ପରିବାର ଲୋକେ। କ୍ୟାପିଟାଲ ହସ୍ପିଟାଲରେ ତାଙ୍କର ଚକ୍ଷୁଦାନ କରାଯାଇଥିବା କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି।

ଆଶୁତୋଷ ବିଶ୍ୱାସ ଏମସ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୪/୦୬ (ନି.ପ୍ର): ଭୁବନେଶ୍ୱର ଏମସ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ହେଲେ ଡ. ଆଶୁତୋଷ ବିଶ୍ୱାସ। ବର୍ତ୍ତମାନ ଡ. ବିଶ୍ୱାସ ପାଟନାର ଆଇଜିଆଇଏମସ୍ ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଆଶୁତୋଷ ବିଶ୍ୱାସ କଟକ ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲରୁ ଏମବିବିଏସ୍ କରିଥିବା ବେଳେ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜରୁ ଜେନେରାଲ ମେଡିସିନ୍ ରେ ଏମଡି କରିଛନ୍ତି।

ଏନଡିଏ ପ୍ରାର୍ଥୀ ଭାବେ ନାମାଙ୍କନ କଲେ ଦ୍ରୌପଦୀ ମୁର୍ମୁ

ନୂଆଦିଲ୍ଲୀ, ୨୪/୦୬ : ଦେଶର ସର୍ବୋଚ୍ଚ ପଦବୀ ଲାଗି ଦ୍ରୌପଦୀ ମୁର୍ମୁଙ୍କ ନାମାଙ୍କନ ପତ୍ର ଦାଖଲ ସମୟର ଦୃଶ୍ୟ । ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଦାଖଲ କରିଥିବା ପ୍ରାର୍ଥିପତ୍ରରେ ପ୍ରଥମ ପ୍ରସ୍ତାବକ ଭାବେ ଦସ୍ତଖତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏହି ସମୟରେ ଉପସ୍ଥିତ ଅଛନ୍ତି ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବିଜେପି ରାଷ୍ଟ୍ରୀୟ ଅଧକ୍ଷ ପ୍ରମୁଖ । କ୍ୟାବିନେଟ ମନ୍ତ୍ରୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରାର୍ଥିପତ୍ରରେ ସମର୍ଥକ ରହିଥିବା କେତେକ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହିଛନ୍ତି । ଟୁକୁନି/ଜଗନ୍ନାଥ... ଦ୍ରୌପଦୀ ମୁର୍ମୁଙ୍କ ପ୍ରାର୍ଥିପତ୍ରରେ ୫୦ ଜଣ ପ୍ରସ୍ତାବକ ଓ ୫୦ ଜଣ ସମର୍ଥକ ରହିଥିବାବେଳେ ବିଜେଡିର ଦୁଇ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଟୁକୁନି ସାହୁ ଦସ୍ତଖତ କରିଛନ୍ତି । ଏ ନେଇ ଆଗରୁ ଟ୍ୱିଟ୍ କରି ସୂଚନା ଦେଇଥିଲେ ମୁଖ୍ୟମନ୍ତ୍ରୀ ଏବଂ ଦୁଇ ମନ୍ତ୍ରୀ ମଧ୍ୟ ଦ୍ରୌପଦୀଙ୍କ ସହ ଦିଲ୍ଲୀ ଯାଇଥିଲେ । ବିଜେପି ଏମଏଲଏ... ଅନ୍ୟପଟେ ରାଜ୍ୟ ବିଜେପିର ୧୨ ବିଧାୟକ ଦିଲ୍ଲୀ ଯାଇଥିବାବେଳେ ଏମାନେ ଦ୍ରୌପଦୀ ମୁର୍ମୁଙ୍କ ନାମାଙ୍କନ ବେଳେ ଉପସ୍ଥିତ ରହିଛନ୍ତି । ▶▶ପୃଷ୍ଠା ୭

୨୯ରେ ସର୍ବଦଳୀୟ ବୈଠକ

ଭୁବନେଶ୍ୱର, ୨୪/୦୬ (ନି.ପ୍ର): ବିଧାନସଭାର ମୌସୁମୀ ଅଧିବେଶନ ପାଇଁ ଆସନ୍ତା ଜୁନ୍ ୨୯ ତାରିଖରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ବାଚସ୍ପତିଙ୍କ ଅଧକ୍ଷତାରେ ବିଧାନସଭା କନଫରେନ୍ସ ହଲରେ ଦିନ ୧୧ଟାରେ ବୈଠକ ବସିବ। ଏ ନେଇ ବାଚସ୍ପତି ବିକ୍ରମ କେଶରୀ ଆରୁଖ ସୂଚନା ଦେଇଛନ୍ତି। ବଜେଟ ଅଧିବେଶନର ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସଂପାଦିତ କରିବା ପାଇଁ ସବୁ ଦଳର ନେତୃମଣ୍ଡଳୀଙ୍କଠାରୁ ସହଯୋଗ କାମନା କରାଯିବ ବୋଲି ବାଚସ୍ପତି ଶ୍ରୀ ଆରୁଖ ପ୍ରକାଶ କରିଛନ୍ତି । ବର୍ତ୍ତମାନ ଦେଶର ବିଭିନ୍ନ ରାଜ୍ୟରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ସଂକ୍ରମଣ ଦେଖାଦେଲାଣି । ସର୍ବଦଳୀୟ ବୈଠକରେ ଏ ବିଷୟରେ ମଧ୍ୟ ଆଲୋଚନା କରାଯିବ ବୋଲି ବାଚସ୍ପତି ଶ୍ରୀ ଆରୁଖ ପ୍ରକାଶ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଆସନ୍ତା ଜୁଲାଇ ୨ ତାରିଖରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହୋଇ ଅଗଷ୍ଟ ୪ ତାରିଖ ଯାଏଁ ଜାରି ରହିବ। ଚଳିତ ମୌସୁମୀ ଅଧିବେଶନରେ ସମୁଦାୟ ୨୪ଟି କାର୍ଯ୍ୟ ଦିବସ ରହିଛି। ଅଧିବେଶନର ପ୍ରଥମ ଦିନରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ।

ଦେଶରେ ରେକର୍ଡ ଭାଙ୍ଗିଲା କରୋନା ସଂକ୍ରମଣ



ନୂଆଦିଲ୍ଲୀ, ୨୪/୦୬ : ଦେଶରେ ପୁଣି ଦ୍ରୁତ ଗତିରେ ବୃଦ୍ଧି ପାଉଛି କରୋନା ସଂକ୍ରମଣ । ୪ମାସ ପରେ ଲମ୍ବଡିଆଁ ମାରିଛି ଦୈନିକ ସଂକ୍ରମଣ । ଗତ ୨୪ଘଂଟାରେ ଦେଶରେ ୧୭ହଜାର ୩୩୬ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗୁରୁବାର ତୁଳନାରେ ଶୁକ୍ରବାର ସଂକ୍ରମଣ ୩୦.୦୨ ପ୍ରତିଶତ ବୃଦ୍ଧି ପାଇଛି । ୧୭ହଜାର ଦୈନିକ ସଂକ୍ରମଣ ଟପିବା ସହ ଗୋଟିଏ ଦିନରେ ୧୩ଜଣଙ୍କ ଜୀବନ ନେଇଛି କରୋନା ମହାମାରୀ । ସେପଟେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରାଳୟ ଟୁଇଟ କରି କହିଛି କି ଦେଶରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି । ବିଭିନ୍ନ ହସପିଟାଲରେ ଏବେ ସୁଦ୍ଧା ୮୮ହଜାର ୨୮୪ଜଣ ଚିକିତ୍ସିତ ହେଉଛନ୍ତି । ସେହିପରି ଦିନକରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୪ହଜାର ୨୯୪କୁ ବୃଦ୍ଧି ପାଇଛି । ଦେଶରେ ସବୁଠୁ ଅଧିକ ସଂକ୍ରମିତ ମହାରାଷ୍ଟ୍ର, ଦିଲ୍ଲୀରୁ ଚିହ୍ନଟ ହେଉଛନ୍ତି ।

୧୪ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୪/୦୬ (ନି.ପ୍ର): ସାରା ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଥିବା ବେଳେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଦେବଗଡ, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଓ ଖୋର୍ଦ୍ଧା ପ୍ରଭୃତି ୧୪ଟି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ଓଡିଶାର ଅନ୍ୟ ଜିଲ୍ଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର।ଏହାକୁ ଦୃଷ୍ଟିରେ ରଖି ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୫ ରୁ ୨୬ ତାରିଖ ମଧ୍ୟରେ ବରଗଡ, ଝାରସୁଗୁଡା, ସମ୍ବଲପୁର, ସୋନପୁର, ବଲାଙ୍ଗୀର, ନବରଙ୍ଗପୁର,ନୂଆପଡା, କେନ୍ଦୁଝର, ମୟୁରଭଂଜ ଓ ଯାଜପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ଓଡିଶାର ଅନ୍ୟ ଜିଲ୍ଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି।

ଅଗ୍ନିପଥ ଯୋଜନା ବାତିଲ ଦାବିରେ ସଂଯୁକ୍ତ କୃଷକ ମୋର୍ଚ୍ଚାର ପ୍ରତିବାଦ

ଭୁବନେଶ୍ୱର, ୨୪/୦୬ (ନି.ପ୍ର): 'ଅଗ୍ନିପଥ ' ଯୋଜନା ପ୍ରତ୍ୟାହାର ଦାବିରେ ସଂଯୁକ୍ତ କୃଷକ ମୋର୍ଚ୍ଚା ଆହ୍ୱାନରେ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ ଛକରେ ଗଣ ପ୍ରତିବାଦ ଆୟୋଜିତ ହୋଇଯାଇଛି । ସଂଯୁକ୍ତ କୃଷକ ମୋର୍ଚ୍ଚା, ଓଡିଶା ର ବିଭିନ୍ନ କୃଷକ ସଂଗଠନ ମାନଙ୍କ ସହିତ ରାଜ୍ୟର ବିଭିନ୍ନ ଶ୍ରମିକ ସଂଗଠନର ନେତୃବୃନ୍ଦ ଏହି ପ୍ରତିବାଦରେ ସାମିଲ ହୋଇଥିଲେ। ଛାତ୍ର, ଯୁବକ ତଥା ବେକାର ଯୁବକ ମାନଙ୍କ ସହ ଏକ ଦୀର୍ଘସ୍ଥାୟୀ ପ୍ରତାରଣା ମୂଳକ ଯୋଜନା 'ଅଗ୍ନିପଥ' ଅବିଳମ୍ବେ ବାତିଲ କରିବା, ଦେଶର ସମସ୍ତ ନିଯୁକ୍ତିକ୍ଷମ ଯୁବକ-ଯୁବତୀଙ୍କୁ ସ୍ଥାୟୀ ନିଯୁକ୍ତି, ନିଯୁକ୍ତି କ୍ଷେତ୍ରରେ ସମସ୍ତ ଠିକା ବ୍ୟବସ୍ଥା ବିଲୋପ କରିବା, ଦେଶର ସାର୍ବଭୌମକୁ ସୁରକ୍ଷିତ ରଖିବା ପାଇଁ ଦେଶର ଭବିଷ୍ୟତ ଯୁବପିଢି ସହିତ ପ୍ରତାରଣା ନକରିବା ଦାବିରେ ଏହି ପ୍ରତିବାଦର ଡାକରା ଦିଆଯାଇଥିଲା । ସଂଯୁକ୍ତ କୃଷକ ମୋର୍ଚ୍ଚାର ଆବାହକ ମଣ୍ଡଳୀ ସଦସ୍ୟ ତଥା ଇନସାଫ ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ପ୍ରତିବାଦ ସଭାରେ ସିଟୁ ପକ୍ଷରୁ ଶ୍ରମିକ ନେତା ଦୁଷ୍ମନ୍ତ ଦାସ, ଅଖିଳ ଭାରତ କୃଷକ ସଭାର କ୍ଷୀରୋଦ ସିଂହଦେଓ, ଏ.ଆଇ.ସି.ସି.ଟି.ୟୁ ର ମହେନ୍ଦ୍ର ପରିଡା, ଟି.ୟୁ.ସି.ଆଇ.ର ପ୍ରମିଳା ବେହେରା, ଟି.ୟୁ.ସି.ସି ର ଜ୍ୟୋତି ରଞ୍ଜନ ମହାପାତ୍ର, ଓଡିଶା କୃଷକ ସଭାର ଯମେଶ୍ୱର ସାମନ୍ତରାୟ, ହିନ୍ଦ ମଜଦୁର ସଭାର ସଞ୍ଜୁକ୍ତା ମହଲା, ଏ.ଆଇ. ଟି.ୟୁ.ସି ର ଜୟନ୍ତ ଦାସ, ଆଇ.ଏନ.ଟି.ୟୁ.ସିର ସତ୍ୟବ୍ରତ ନାୟକ, ଏ.ଆଇ.ୟୁ.ଟି.ୟୁ.ସି ର ନିରଞ୍ଜନ ମହାନ୍ତି, ଏ.ଆଇ.କେ.ଏମ.କେ.ଏସ ର ଜୟରାମ ଜେନା, ସୁବର୍ଣ୍ଣରେଖା ବିସ୍ଥାପନ ବିରୋଧୀ ଆଂଦୋଳନର ନେତା ଅରୁଣ ଜେନା, ସମାଜବାଦୀ ପାର୍ଟିର ସଞ୍ଜୟ ନାୟକ ପ୍ରମୁଖ ସେମାନଙ୍କର ବକ୍ତବ୍ୟରେ କେନ୍ଦ୍ର ସରକାରଙ୍କ ଦୁରଭିସନ୍ଧି ଓ କର୍ପୋରେଟ ସ୍ୱାର୍ଥ ନିକଟରେ ଦେଶର ପ୍ରତିରକ୍ଷା ବ୍ୟବସ୍ଥାକୁ ସମର୍ପଣ ନୀତିକୁ ତୀବ୍ର ବିରୋଧ କରିଥିଲେ ।

ଲୁଟିଆ ଗ୍ୟାଙ୍ଗର ୫ଜଣଙ୍କୁ ଧରିଲା ପୁଲିସ

ବାଲେଶ୍ୱର,୨୪/୦୬ (ନି.ପ୍ର): ବାଇକ ଚୋରି ଓ ଡକାୟତି ଏକାଧିକ ମାମଲା ସହ ଜଡିତ ଲୁଟିଆ ଗ୍ୟାଙ୍ଗକୁ ଧରିବାରେ ବାଲେଶ୍ୱର ପୁଲିସକୁ ମିଳିଛି ସଫଳତା। ଗ୍ୟାଙ୍ଗର ମୁଖିଆ ସହ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ବସ୍ତା ଥାନା ଅନ୍ତର୍ଗତ ରେଣୁପଦା ଅଞ୍ଚଳର ଗୌରାଙ୍ଗ ନାୟକଙ୍କ ପୁତ୍ର ମାନସ ନାୟକ ଓରଫ ସିକୁ (ମାଷ୍ଟର ମାଇଣ୍ଡ), ବାଲେଶ୍ୱର ଟାଉନ ଥାନା ଅନ୍ତର୍ଗତ ବାଲୁବଜାର ଅଞ୍ଚଳର ଶେଖ ଅବଦୁଲ ଖାଲିଦଙ୍କ ପୁତ୍ର ବଣ୍ଟି ଓରଫ ଶେଖ ଜାଫର (୨୦), ଅବଦୁଲ ଜବାର ଖାନଙ୍କ ପୁତ୍ର ମଙ୍ଗଲୁ ଓରଫ ଅବଦୁଲ ହମିଦ ଖାନ (୨୦), ଶେଖ ତାହିର ହୋସେନଙ୍କ ପୁତ୍ର ଜାହିଦ ଓରଫ ଶେଖ ଜାହିଦ ହୋସେନ (୨୨) ଓ ଶେଖ ସାଉଦ୍ଦିନଙ୍କ ପୁତ୍ର ପାପୁଲୁ ଓରଫ ଶେଖ ଅରବାଜ (୨୧)। ସେମାନଙ୍କଠାରୁ ନଗଦ ୫୭ ହଜାର ଟଙ୍କା ସହିତ ତିନୋଟି ମୋବାଇଲ ଫୋନ, ତିନୋଟି ତେଲେଙ୍ଗା କଟୁରୀ, ଗୋଟିଏ ଖେଳନା ବନ୍ଧୁକ ଓ ତିନୋଟି ବାଇକ ଜବତ କରାଯାଇଥିବା ସହଦେବଖୁଣ୍ଟା ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ଏହି ଡକାୟତି ଗ୍ୟାଙ୍ଗ ବିଭିନ୍ନ ସମୟରେ ବ୍ୟାଙ୍କରୁ ଟଙ୍କା ଉଠାଉଥିବା ବ୍ୟକ୍ତିଙ୍କ ଉପରେ ନଜର ରଖିବା ସହ ସୁଯୋଗ ପାଇ ସେମାନଙ୍କ ଠାରୁ ଲୁଟ କରିଥାଆନ୍ତି ବୋଲି ସେ ପ୍ରକାଶ କରିଛନ୍ତି । ଯୋଜନାବଦ୍ଧ ଭାବେ ଡକାୟତି ଓ ଲୁଟ କରୁଥିବା ଏହି ଅଭିଯୁକ୍ତଙ୍କ ବିରୋଧରେ ସହଦେବଖୁଣ୍ଟା ଥାନାରେ ଦୁଇଟି ଏବଂ ବାଲେଶ୍ୱର ଟାଉନଥାନା, ସୋର ଓ ସଦର ଥାନାରେ ଗୋଟିଏ ଲେଖାଏଁ ମ

ଆଦର୍ଶ ବିଦ୍ୟାଳୟ, ଗୁଣ୍ଡୁରିଗୁଡାରେ ବିଏସଏଫର ହର ଘର ଝଣ୍ଡା କର୍ମଶାଳା

ମାଲକାନଗିରି,୨୪/୦୬ (ନି.ପ୍ର): ଭାରତବର୍ଷର ମହାପର୍ବ ଆଜାଦୀ କି ଅମୃତ ମହୋତ୍ସବ ୨୦୨୨ ପରିପ୍ରେକ୍ଷୀରେ ସ୍ୱତନ୍ତ୍ରତାର ସୁନେହେରି ପଂଚସ୍ତରୀ ବର୍ଷର ଅଭିଜ୍ଞତା ଓ କଷ୍ଟାର୍ଜିତ ସ୍ୱାଧୀନତା ପ୍ରାପ୍ତିର ମହାବାର୍ତା ପ୍ରଦାନ ସହ, ରାଷ୍ଟ୍ରୀୟ ଧ୍ୱଜା ତ୍ରୀରଙ୍ଗା ଓ ଏହାର ବୈଶିଷ୍ଟ୍ୟଗୁଡିକ ସଂପର୍କରେ ଯୁବପିଢିକୁ ସୂଚନା ଦେବା ନିମନ୍ତେ ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇଥିବା ସମସ୍ତ ବୀର ଶହୀଦ ମାନଙ୍କୁ ନମନ୍ କରିବାର ମହାର୍ଘ୍ୟ ମାନସିକତା ନେଇ କେନ୍ଦ୍ର ସରକାରଙ୍କ ଆହ୍ୱାନ ପରିପ୍ରେକ୍ଷୀରେ ଅଖଣ୍ଡ ଭାରତ, କୁମାରୀକା ଠାରୁ ହିମାଳୟ ଯାଏଁ ଯୁବପିଢି ଓ କୈଶୋର ବର୍ଗଙ୍କୁ ରାଷ୍ଟ୍ରୀୟ ଚେତନାରେ ଉଦବୃଦ୍ଧ କରି ଏକ୍ ଭାରତ୍, ଶ୍ରେଷ୍ଠ ଭାରତ ଗଠନ ନିମନ୍ତେ ସୀମା ସୁରକ୍ଷା ବଳ ବିଏସଏଫ ୧୫୧ ବାଟାଲିୟନ କୁଡୁମୁଲୁଗୁମ୍ମା ତରଫରୁ ହର୍ ଘର୍ ରାଷ୍ଟ୍ରୀୟ ଝଣ୍ଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାର୍ତା ପହଂଚାଇବା ନିମନ୍ତେ ରାଷ୍ଟ୍ରବାଦୀ ଚେତନାର ଜାଗୃତିକା ନେଇ କୁଡୁମୁଲୁଗୁମ୍ମା(ଗୁଣ୍ଡୁରିଗୁଡା) ସ୍ଥିତ ଆଦର୍ଶ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏଥିରେ ବିଏସଏଫ କୁଡୁମୁଲୁଗୁମ୍ମାର ସମସ୍ତ ସୁରକ୍ଷା ବଳ କର୍ମକର୍ତାଙ୍କ ସହ ଗ୍ରୁପ୍ କମାଣ୍ଡର ନୀରଜ ଶର୍ମା, ସବ୍ ଇନ୍ସପେକ୍ଟର ଭିପିନ୍ କୁମାର, ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର ସତ୍ୟପା, ହାବିଲଦାର ଅମ୍ରିତ ଲାଲ ସୋରେନ ପ୍ରମୁଖ ଯୋଗଦାନ କରି ଛାତ୍ର ଛାତ୍ରୀମାନଙ୍କୁ ଦେଶ ପ୍ରତି ସମର୍ପିତ ହୋଇ ଦେଶ ମାତୃକାର ସେବା କରିବା ନିମନ୍ତେ ଅଭିପ୍ରେରିତ କରିଥିଲେ । କାର୍ଯ୍ୟକ୍ରମରେ କୁଡୁମୁଲୁଗୁମ୍ମା (ଗୁଣ୍ଡୁରିଗୁଡା) ଆଦର୍ଶ ବିଦ୍ୟାଳୟର ଅଧକ୍ଷ ହର ପ୍ରସାଦ ସ୍ୱାଇଁ, ଅଧ୍ୟାପକ ମହେଶ୍ୱର ସାହୁ, ପପୁ ସାହୁ, ଅଭିଜିତ ଷଡ଼ଙ୍ଗୀ, ଭାସ୍କର ମାଝୀ, କନ୍ଦର୍ପ ଦଳେଇ, ଶୁଭସ୍ମିତା ପୃଷ୍ଠି, ରାସନନ୍ଦ ନାୟକ, ଦୀନେଶ କୁମାର ଓ ବିମଳ କୁମାର ଜେନା, ଯୁବ ସାମାଜିକ କର୍ମୀ ଭଗବାନ ସାହୁ, ଜ୍ୟୋତି ରଞ୍ଜନ ବେହେରା, ପରିଚାଳନା କମିଟିର ଅନ୍ୟାନ୍ୟ କର୍ମକର୍ତା ଓ ସମସ୍ତ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । ସାମ୍ପ୍ରତିକ ସମୟରେ ସୀମାନ୍ତ ରାଷ୍ଟ୍ର ମାନଙ୍କ, ଆମ ଦେଶ ପ୍ରତି ଥିବା ଅସୁୟା ଭାବ, ଆତଙ୍କବାଦୀ କାର୍ଯ୍ୟକଳାପ ବଢିବା ଯୋଗୁଁ ଦେଶର ଆଭ୍ୟନ୍ତରୀଣ ନିରାପତା ଓ ସୀମା ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇପଡିଛି । ମଧ୍ୟ ପ୍ରାଚ୍ୟ ଅନ୍ତର୍ଗତ ସମଗ୍ର ଏସିଆ ମହାଦେଶରେ ଏକମାତ୍ର ଶାନ୍ତିପ୍ରୀୟ ଦେଶ ଭାରତବର୍ଷର ଅଭ୍ୟୁଦୟ ଘଟିବା ସହ ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଖାଦ୍ୟସୁରକ୍ଷା ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ, ସୁଦକ୍ଷ ଶାଶନ ବ୍ୟବସ୍ଥା, ସ୍ଥାୟୀ ଓ ନିରପେକ୍ଷ ସୁଦୃଢ଼ ଗଣତନ୍ତ୍ର ପ୍ରତିଷ୍ଠା ସର୍ବୋପରି ମାନବବାଦୀ ଓ ଲୋକ କଲ୍ୟାଣକାରୀ ସରକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ଭାରତ ବର୍ଷ ପୃଥିବୀରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର ହାସଲ କରିବା ସହ ଶାନ୍ତି ସହାବସ୍ଥାନର ବାର୍ତା ଦେଇ ବସୁଧୈବ କୁଟୁମ୍ବକଂ ମନ୍ତ୍ରକୁ ସାର୍ଥକ କରି ଭାରତ, ବର୍ତମାନ ବିଶ୍ୱଗୁରୁ ଆଖ୍ୟା ଅର୍ଜନ କରିବାକୁ ଯାଉଛି । ଆମ ପଡୋଶୀ ରାଷ୍ଟ୍ରୀ ଗୁଡିକରେ ଖାଦ୍ୟ ସଂକଟ ଦେଖାଦେବା ସହ ଅର୍ଥନୈତିକ ଦୂରାବସ୍ଥା, ଅଶାନ୍ତ ସାମାଜିକ ବାତାବରଣ ଓ ଗୃହଯୁଧ୍ୱର ବିଭୀଷିକା ଯୋଗୁଁ ସେଠାରେ ଗଣତନ୍ତ୍ର ଆଜି ବିପଦରେ ପଡିବା ସହ ଭାରତୀୟ ଭୂଖଣ୍ଡ ପ୍ରତି ସୀମାପାର ଆତଙ୍କବାଦୀ ଆକ୍ରମଣର ଭୟ ସୃଷ୍ଟି ହୋଇଛି । ଏହି ଘଡିସନ୍ଧି ମୂହୁର୍ତରେ ଭାରତୀୟ ସେନାର ସାମାଜିକ ଦାୟିତ୍ୱବୋଧ ଭାବରେ ଅଗ୍ନିପଥ ଯୋଜନା ମାଧ୍ୟମରେ ଜାତୀୟବାଦୀ ସୈନ୍ୟବଳ ଅଗ୍ନିବୀର ''ସୃଷ୍ଟି କରି ଦେଶ ସୁରକ୍ଷା ପାଇଁ ଗମ୍ଭୀରତା ସହ ପଦକ୍ଷେପ ନିଆଯାଉଛି । ଦେଶର ଏହି କଠିନ ମୂହୁର୍ତରେ କିଛି ଅରାଜକତା ସୃଷ୍ଟି କରୁଥିବା ତତ୍ୱ ସକ୍ରିୟ ହୋଇଉଠିଛନ୍ତି ଓ କିଛି ନ ବୁଝି ନ ସୁଝି ଦେଶର ଜାତୀୟ ମୂଲ୍ୟବାନ ରେଳବାଇ ସମ୍ପତିକୁ ନଷ୍ଟ କରି ଆଭ୍ୟନ୍ତରୀଣ ସୁରକ୍ଷା ପ୍ରତି ବିପଦ୍ଜନକ ଭାବେ ଉଭା ହୋଇଛନ୍ତି । ଏହି ମୂହୁର୍ତରେ ତିନି ସୈନ୍ୟବାହିନୀର ମନୋବଳ ଦୃଢ କରିବା ପାଇଁ ଆମ ଅର୍ଦ୍ଧସାମରିକ ବଳ ସୀମା ସୁରକ୍ଷା ବାହିନୀ ପକ୍ଷରୁ ଏ ଜାତୀୟତାର କାର୍ଯ୍ୟକ୍ରମ ଆୟୋଜନ କରି ଆଗାମୀ ଭବିଷ୍ୟତ ପିଢିକୁ ରାଷ୍ଟ୍ରୀୟ ଚେତନାରେ ଉଦବୃଦ୍ଧ କରିବା ଏକ ଯୁଗାନ୍ତକାରୀ ପଦକ୍ଷେପ । ସର୍ବ ଶେଷରେ ଭାରତ ମାନଚିତ୍ରର ଏକ ରେଖା ବଳୟ ସୃଷ୍ଟି କରାଯାଇଥିଲା ଓ ସେଠାରେ ଛାତ୍ର ଛାତ୍ରୀ ମାନେ ରେଖା ମାନଚିତ୍ର କଡରେ ଛିଡା ହୋଇ ତ୍ରିରଙ୍ଗା ପତକା ହଲାଇ ରାଷ୍ଟ୍ରୀୟ ଧ୍ୱଜାକୁ ସଲାମୀ ସହ ଭାରତ ମାତାକି ଜୟ ଧ୍ୱନି ଦେଇଥିଲେ ।

ସମଗ୍ର କୁଡୁମୁଲୁଗୁମ୍ମା ବାସୀଙ୍କ ତରଫରୁ ଏଥିପାଇଁ ସୀମା ସୁରକ୍ଷା ବାହିନୀଙ୍କୁ ଧନ୍ୟବାଦ୍ ଅର୍ପଣ ସହ ଏ ଅଂଚଳର ସମସ୍ତ ଯୁବାବର୍ଗଙ୍କୁ ଏଥିରେ ସାମିଲ କରିବା ପାଇଁ ବରିଷ୍ଠ ସମାଜସେବୀ ଓ ବୁଦ୍ଧିଜୀବୀ ମାନେ ମତପ୍ରକାଶ କରିଛନ୍ତି ।

ଟିଟିଲାଗଡ଼ ଥାନା ଅଧିକାରୀଙ୍କ ରକ୍ତଦାନ

ବଲାଙ୍ଗିର,୨୪/୦୬ (ନି.ପ୍ର): ଟିଟିଲାଗଡ଼ରେ କାର୍ଯ୍ୟରତ ଥାନାଧିକାରୀ ଟିଟିଲାଗଡ ଡାକ୍ତରଖାନା ନିକଟରେ ଜଣେ ବ୍ୟକ୍ତିଙ୍କୁ ରକ୍ତଦାନ କରି ନିଜ ମହାନତାର ପରିଚୟ ଦେଇଛନ୍ତି । ତାଙ୍କ ପରିବାରର ଜଣେ ସମ୍ପର୍କୀୟଙ୍କୁ ରକ୍ତର ଆବଶ୍ୟକ ଥିବା ନେଇ ସେ ରକ୍ତଦାତା ଖୋଜୁଥିବା ପ୍ରକାଶ କରିଥିଲେ । ଏହା ଜାଣି ଥାନାଧିକାରୀ ରଞ୍ଜନ ବାରିହା ନିଜେ ସ୍ଥାନୀୟ ରକ୍ତଭଣ୍ଡାର ଯାଇ ରକ୍ତ ଦେଇଥିଲେ । ରକ୍ତଭଣ୍ଡାର ପରିଚାଳକ ଗଜୀନ୍ଦ୍ର ନାଥ ରାଉତ ରକ୍ତଦାନ ଓ ପ୍ରକ୍ରିୟାକରଣ କାର୍ଯ୍ୟ କରିଥିଲେ । ଏ ନେଇ ଜିଲ୍ଲା ରକ୍ତଦାତା ସଂଘ ତଥା ଜନସେବା ସଂଘ ତରଫରୁ କୃତଜ୍ଞତା ଜ୍ଞାପନ କରି କରାଯାଇଛି ।

ଚାଷୀଙ୍କୁ ମିଳୁନାହିଁ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି

କେନ୍ଦ୍ରାପଡ଼ା,୨୪/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ନିଆଳି ପଂଚାୟତର ଶତାଧିକ ଚାଷୀ ସେମାନଙ୍କର ୨୦୨୧-୨୨ ମସିହାରେ ନଷ୍ଟ ହୋଇଥିବା ଚାଷର ପ୍ରଧାନମନ୍ତ୍ରୀ ଫସଲବୀମା ରାଶି ପାଇ ନଥିବା ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଗତବର୍ଷ ଜୁନ ମାସରେ ଏହି ପଂଚାୟତରେ ଅତ୍ୟଧିକ ବର୍ଷା ଯୋଗୁଁ ଚାଷୀମାନଙ୍କର ଶହ ଶହ ଏକର ଫସଲ ନଷ୍ଟ ହୋଇଥିଲା । ତାର ଭରଣ ପୋଷଣ ନିମନ୍ତେ ଚାଷୀମାନେ ଇନ୍‌ପୁଟ ସବସିଡି ପାଇଥିଲେ ମଧ ଦୀର୍ଘ ୧ ବର୍ଷ ବିତି ଯାଇଥିଲେ ମଧ ଏହି ଚାଷୀମାନେ ଫସଲ ବୀମା ରାଶି ପାଇ ନାହାଁନ୍ତି । ଯାହାଫଳରେ ସେମାନଙ୍କର କ୍ଷତି ଭରଣ କରିପାରୁ ନାହାଁନ୍ତି । ଗୁରୁବାର ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀଧର ସ୍ୱାଇଁଙ୍କ ନେତୃତ୍ୱରେ ପୂର୍ବତନ ସରପଂଚ ସନ୍ତୋଷ ମଲିକ, ଲକ୍ଷ୍ମୀଧର ପୂଜାରୀ, ଚିତ ରଞ୍ଜନ ନାୟକ, ସର୍ବେଶ୍ୱର ରାଉତ ପ୍ରମୁଖ ତୁରନ୍ତ ସେମାନଙ୍କ ଫସଲବୀମା ରାଶି ପ୍ରଦାନ କରିବାକୁ ଦାବି କରିଛନ୍ତି ।

ଫାର୍ମାସିଷ୍ଟମାନଙ୍କୁ ଔଷଧ ଭଣ୍ଡାରର ସୁରକ୍ଷା ପାଇଁ ପ୍ରଶିକ୍ଷଣ

କେନ୍ଦ୍ରାପଡ଼ା,୨୪/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ୩ ଦିନିଆ ଔଷଧ ଭଣ୍ଡାର ସୁରକ୍ଷା ପାଇଁ ଜିଲ୍ଲାର ୬୨ଜଣ ଫାର୍ମାଶିଷ୍ଟମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡାକ୍ତର ଅନିତା ପଟ୍ଟାନାୟକଙ୍କ ଦ୍ୱାରା ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଡାକ୍ତର ସଚିତାନନ୍ଦ ମିଶ୍ର, ଡାକ୍ତର ନୃପେନ ଶତପଥୀ, ଡିଭିଏଲଏମ୍ ଅବିନାଶ ଦାସ, କିରଣବାଳା ସାମଲ, ସୁରେନ୍ଦ୍ରନାଥ ନାୟକ ପ୍ରମୁଖ ଫାର୍ମାଶିଷ୍ଟ ଯୋଗଦେଇ ଔଷଧ ଭଣ୍ଡାରରେ ଔଷଧଗୁଡିକର ସଠିକ୍ ତାପମାତ୍ରାରେ କିପରି ରକ୍ଷଣାବେକ୍ଷଣ କରାଯିବ, ଅଗ୍ନି ସୁରକ୍ଷା ଉପରେ ଆଲୋଚନା, ନିଆଁ ନିବାରଣ ପଦ୍ଧତିଗୁଡିକ ଔଷଧ ଭଣ୍ଡାରରେ କାମ କରୁଥିବା କର୍ମଚାରୀମାନଙ୍କୁ ତାଲିମ ଦିଆଯିବା ଦରକାର, ୨ରୁ ୮ ଡିଗ୍ରୀ ତାପମାତ୍ରାରେ କେଉଁସବୁ ଔଷଧଗୁଡିକ ରଖାଯିବ ସେ ବିଷୟରେ ଆଲୋଚନା, ଜିଲ୍ଲା ଔଷଧ ଭଣ୍ଡାରରୁ ବ୍ଲକ ଇ ଔଷଧ ଭଣ୍ଡାରକୁ ନିରାମୟ ଗାଡିଦ୍ୱାରା କିପରି ଇ-ଔଷଧ ବିତରଣ କରାଯିବ ସେ ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇ ଥିଲା । ୩ଦିନିଆ ଏହି ପ୍ରଶିକ୍ଷଣ ଶିବିରରେ ପ୍ରଥମ ପର୍ଯ୍ୟାୟରେ ୩୦ ଜଣଙ୍କୁ, ୨ୟ ଓ ୩ୟ ପର୍ଯ୍ୟାୟରେ ୩୨ ଜଣଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ଜଣାପଡ଼ିଛି ।

ବିପଦ ଶଙ୍କୁଳ ଗୃହରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର

ମାଲକାନଗିରି,୨୪/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ ଅଧିନସ୍ଥ କାଙ୍ଗୁରୁକୋଣ୍ଡା କେନ୍ଦ୍ର ବିପଦ ସଂକୁଳ ଅବସ୍ଥାରେ ଥିବା ଗୃହରେ ଚାଲିଥିବା ଦେଖିବା କୁ ମିଳିଛି।କାଙ୍ଗୁରୁକୋଣ୍ଡା ପଂଚାୟତ କାର୍ଯ୍ୟାଳୟ ପରିସରରେ ପଂଚାୟତ ର ଏକ ଗୃହରେ ଅସ୍ଥାୟୀ ଭାବେ ୧୮ ଟି କୁନିକୁନି ପିଲା ଙ୍କୁ ନେଇ ଚାଲିଛି ପ୍ରାକ ଶିକ୍ଷାଦାନ ଗତ କିଛି ଦିନ ତଳେ ହୋଇଥିବା ବର୍ଷା ପବନରେ ଉକ୍ତ ଗୃହର ଗୋଟିଏ ଟିଣ ଉଡି ଯାଇଛି।ଏହି ଟିଣ ଉଡି ଯାଇ ଥିବା ଗୃହରେ ଅଙ୍ଗନବାଡି କେନ୍ଦ୍ରର ଚାଉଳ ଓ ପ୍ରାକ ଶିକ୍ଷାଦାନ ଉପକରଣ ରହିଛି, ଏଥିସହିତ ପିଲାମାନେ ଏହି ଗୃହରେ ବସି ପ୍ରାକ ଶିକ୍ଷା ଦାନ ଗ୍ରହଣ କରୁଛନ୍ତି।ଟିଣ ଉଡିଯିବା ସଂପର୍କରେ ଅଙ୍ଗନବାଡି କର୍ମୀ କିମ୍ବା ସୁପରଭାଇଜର ବିଭାଗୀୟ ଅଧିକାରୀ ଙ୍କୁ ଅବଗତ କରାଇନଥିବା ଜଣାପଡିଛି।ଉଡିଥିବା ଟିଣ କେନ୍ଦ୍ର ନିକଟରେ ପଡିରହିଛି, ତୁରନ୍ତ ଏହାର ମରାମତି ପାଇଁ ଦାବି ହେଉଛି ।

ପୋଖରୀରୁ ମହିଳାଙ୍କ ଶବ ଉଦ୍ଧାର

କନ୍ଧମାଳ ,୨୪/୦୬ (ନି.ପ୍ର): ପୋଖରୀ ରେ ଭାସୁଛି ମହିଳାଙ୍କ ଶବ । ସକାଳୁ ସକାଳୁ ଗାଁ ଲୋକେ ପୋଖରୀ କୁ ଗାଧେଇବାଲାଗି ଯାଇଥିବା ବେଳେ ଶବ ଭାସୁଥିବା ଦେଖି ପାଟି କରିବା ଫଳରେ ଗାଁ ରେ ଚାଂଚଲ୍ୟ ଖେଳିଯାଇଥିଲା । ଭାସୁଥିବା ଶବ କାହାର ଓ କିଏ କାହିଁକି ହତ୍ୟା କରି ଶବ ଫୋପାଡ଼ି ଦେଇଛି, ନା ମହିଳା ଜଣଙ୍କ ଆତ୍ମହତ୍ୟା ସେନେଇ ଚର୍ଚା ଯୋର ଧରିଥିଲା । ଘଟଣାଟି ଦାଗିଂବାଡ଼ି ଥାନା ଶ୍ରାନିକେତା ଅଂଚଳର । ଶେଷରେ ଗ୍ରାମବାସି ପୋଲିସ କୁ ଜଣାଇବା ପରେ ପୋଲିସ ପହଂଚି ଶବ ଉଦ୍ଧାର କରିଥିଲା ମହିଳା ଜଣଙ୍କ ସେହି ଗ୍ରାମ ର ତପୀସା ପ୍ରଧାନ ବୋଲି ଜଣାପଡିଛି । ପୋଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ର ତଦନ୍ତ କରୁଛି । ତଦନ୍ତ ଓ ପୋଷ୍ଟମର୍ଟ ରିପୋର୍ଟ ଆସିବା ପରେ ଏହା ହତ୍ୟା ନା ଆତ୍ମହତ୍ୟା ତଦନ୍ତ ପରେ ଜଣାପଡିବ ବୋଲି ତଦନ୍ତ କରି ଅଫିସର କହିଛନ୍ତି।

ଆବାସ ଯୋଜନାରେ ଦୁର୍ନୀତି : ମୃତ ବ୍ୟକ୍ତିଙ୍କ ନାମରେ ଆସିଥିବା ଅର୍ଥ ହଡ଼ପ

ବଲାଙ୍ଗିର,୨୪/୦୬ (ନି.ପ୍ର): ଆବାସ ଯୋଜନା ମହାଦୁର୍ନୀତି । ମୃତ ବ୍ୟକ୍ତିଙ୍କ ନାମରେ ଆସୁଛି ଆବାସ ଗୃହ ଟଙ୍କା, କିନ୍ତୁ ଯାଉଛି ଅନ୍ୟ ଜଣଙ୍କ ଆକାଉଂଟକୁ । ଏଭଳି ଅଭିଯୋଗ ଆସିଛି ବଲାଙ୍ଗିର ଜିଲ୍ଲା ପୁଇନ୍ତଳା ବ୍ଲକ ବିଲେଇସର୍ଡା ଗ୍ରାମରୁ । ଗରିବ ଓ ଆସହାୟଙ୍କୁ ସାହାଯ୍ୟ ପାଇଁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆରମ୍ଭ କରିଥିବା ବେଳେ ବଲାଙ୍ଗିରରେ ତାହା କିନ୍ତୁ ବାଟମାରଣା ହୋଇଛି । ମୃତ ଲୋକଙ୍କ ନାଁରେ ମଧ ଜାଲିଆତି କରି ଟଙ୍କା ଖାଇ ଯାଉଛନ୍ତି ସରକାରୀ ବାବୁ । ତେବେ ବଲାଙ୍ଗିର ଜିଲ୍ଲାର ପଲ୍ଲୀଠୁ ସହର ସବୁଠି ଏଥିରେ ବ୍ୟାପକ ଦୁର୍ନୀତି ଦେଖିବାକୁ ମିଳିଛି । ଆବାସ ଯୋଜନାରେ ଦୁର୍ନୀତିର ଗନ୍ଧ, ମୃତବ୍ୟକ୍ତି ନାଁରେ ଚାଲିଛି ଅର୍ଥ ହଡପ । କିଛିଦିନ ତଳେ ଦୁର୍ନୀତି ଯୋଗୁଁ ଜଣେ ବୃଦ୍ଧା କଣ୍ଠ ଦେଇ ଉଇ ହୁଙ୍କା ଭଳି ଘରେ ରହିଥିବାର ଖବର ସାରା ରାଜ୍ୟରେ ଚର୍ଚ୍ଚାରେ ରହିଥିଲା । ତେବେ ଏଠି ମଧ ଦୁର୍ନୀତି ଯୋଗୁଁ ଏହି ଗରିବ ଅସହାୟ ବୃଦ୍ଧା ଏହିଭଳି ଘରେ ଦୀର୍ଘ ଆଠ ବର୍ଷରୁ ରହିଆସୁଥିଲେ । ଯାହା ଆବାସ ଯୋଜନାର ବିଫଳତାକୁ ହିଁ ବୟାନ କରୁଥିଲା । ଏବେ ପୁଣି ମୃତ ବ୍ୟକ୍ତିଙ୍କ ନାଁରେ ଆବାସ ଟଙ୍କା ହଡପ କରାଯାଉଥିବା ଅଭିଯୋଗ ହୋଇଛି । ବଲାଙ୍ଗିର ଜିଲା ପୁଇଁନ୍ତଳା ବ୍ଲକ ଅନ୍ତର୍ଗତ ବିଲେଇସର୍ଡା ଗ୍ରାମର ମୃତ ଭଗବାନ ବାଗଙ୍କ ନାମରେ ଟଙ୍କା ଉଠାଇ ଖାଇ ଦେଇଛନ୍ତି ଅଧିକାରୀ । ଏପରି ଅଭିଯୋଗ କରି ପ୍ରମାଣ ମଧ ଦେଇଛନ୍ତି ଭଗବାନଙ୍କ ପୁଅ ସତ୍ୟବାନ୍ ବାଗ । ଯେଉଁଥିରେ ତାଙ୍କ ମୃତ ବାପାଙ୍କ ନାଁରେ ଅନ୍ୟ ଜଣଙ୍କ ବ୍ୟାଙ୍କ ଆକାଉଂଟ ଜରିଆରେ ଆବାସ ଯୋଜନାର ସବୁ ଟଙ୍କା ପୈଠ ହୋଇଛି । ଯାହାର ଖବର ସେ ପରବର୍ତୀ ସମୟରେ ଜାଣିବାକୁ ପାଇ ଏହାର ତଦନ୍ତ ଦାବି କରିଛନ୍ତି ।ଆବାସ ଯୋଜନାରେ ହିତାଧିକାରୀଙ୍କୁ ୧ ଲକ୍ଷ ୩୦ ହଜାର ଟଙ୍କା ସହାୟତା ସହିତ ଶ୍ରମିକ ପାଉଣା ବିବାଦକୁ ୧୫ ହଜାର ଓ ଶୌଚାଳୟ ବାବଦକୁ ୧୨ ହଜାର ଟଙ୍କା ଦିଆଯାଇଥାଏ । ତେବେ ବଲାଙ୍ଗିର ଜିଲ୍ଲାର ପଲ୍ଲୀ ଠୁଁ ସହର ସବୁଠି ଏଥିରେ ବ୍ୟାପକ ଦୁର୍ନୀତି ଦେଖିବାକୁ ମିଳିଛି । ଅନେକ ସ୍ଥାନରେ ଆବାସ ଯୋଜନା ପାଇଁ ଅଗ୍ରୀମ ୨୦ ହଜାର ଟଙ୍କା ଲାଂଚ ନିଆଯାଉଥିବା ବେଳେ ତାଙ୍କୁ ମିଳିବାକୁ ଥିବା ଶ୍ରମିକ ପାଉଣା ଓ ଶୌଚାଳୟ ପାଉଣା ଅଧିକାରୀ ଖାଇ ଯାଉଛନ୍ତି । କୌଣସି ହିତାଧିକାରୀ ଏହି ଟଙ୍କା ପାଉନଥିବାର ଅଭିଯୋଗ ହୋଇଛି । ତେବେ ଏହି ଅଭିଯୋଗ ତାଲିକା ବେଶ ଲମ୍ବା ଥିବାବେଳେ ବାଟମାରଣା ହେଉଥିବା ଏହି ଯୋଜନା ଗରିବ ଲୋକଙ୍କ ପାଖକୁ ପହଂଚି ପାରୁନି । କାଗଜ କଲମରେ ସବୁ ଠିକ ଠାକ୍ ଚାଲିଥିବାର କୁହାଯାଇଛି । ସେପଟେ ଲୋକେ ଓ ନେତା ଏହାର ତଦନ୍ତ ଦାବି କରିବା ସହ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ବଲାଙ୍ଗିର ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସରକାରୀ ତଥ୍ୟ ଅନୁସାରେ, ଜିଲ୍ଲାକୁ ୨୦୧୩ ବର୍ଷରୁ ୮୩ ହଜାର ୪୦୨ଟି ଆବାସ ଘର ଆବଂଟନ ପାଇଁ ଆସିଥିଲା । ହେଲେ ଏଥିରେ ମୋଟ ୫୫ ହଜାର ୩୬୪ଟି ଘର ନିର୍ମାଣ ହୋଇଥିବାର ତଥ୍ୟ ରହିଛି । ସେହିପରି ୨୮ ହଜାର ୩୮ଟି ଘର ଏଯାଏଁ ନିର୍ମାଣ ହୋଇନଥିବାର ଜଣାପଡ଼ିଛି । ସେହିପରି ଜିଲ୍ଲାରେ ଏହାର ସଫଳତା ହାର ୬୬.୩୮ ପ୍ରତିଶତ ରହିଛି । ତେବେ ଏହି ତଥ୍ୟରୁ ଏଠି ଏହି ଯୋଜନା କେତେ ସଫଳ ତାହା ସ୍ପଷ୍ଟ ବାରି ହୋଇପଡୁଛି । ୨୦୧୯ ଠାରୁ ଜିଲ୍ଲା ପାଇଁ ଆଉ ଏହି ଯୋଜନାରେ କୌଣସି ଘର କିମ୍ବା ଟଙ୍କା ଆଉ ଆସୁନାହିଁ । ସେପଟେ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଘର ସଠିକ୍ ଲୋକଙ୍କୁ ଦିଆଯାଉଛି ଓ ଘର ନିର୍ମାଣ କାମ ଜାରି ରହିଥିବାର କହିଛନ୍ତି । ସେହିପରି ଦୁର୍ନୀତି ଅଭିଯୋଗକୁ ସେ ଗୁରୁତର ସହ ନେଉଥିବା ବେଳେ ଆଗକୁ ମଧ ତଦନ୍ତ ହେବ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ନିଜେ ପ୍ରକଳ୍ପ ଅଧିକାରୀ ସୁଶାନ୍ତ ସିଂ କହିଛନ୍ତି ।

ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ୍ ଦେବନି କଂଗ୍ରେସ : ନରସିଂହ

ବଲାଙ୍ଗିର,୨୪/୦୬ (ନି.ପ୍ର): ଏନ.ଡି.ଏ. ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ ଦେବନି କଂଗ୍ରେସ । ଏହାକୁ ନେଇ ସ୍ପଷ୍ଟୀକରଣ ଦେଇଛନ୍ତି ପ୍ରଦେଶ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର । ସେ ଜଣେ ଭଲ ବ୍ୟକ୍ତିତ୍ୱ, କିନ୍ତୁ ସେ ବିଜେପି ଚିନ୍ତାଧାରାରେ ଅନୁପ୍ରାଣିତ ଥିବାରୁ ତାଙ୍କୁ କଂଗ୍ରେସ ଭୋଟ ଦେବନାହିଁ ବୋଲି କହିଛନ୍ତି ନରସିଂହ ।

ନରସିଂହ ମିଶ୍ର କହିଛନ୍ତି ଯେ, "ଦ୍ରୌପଦୀ ମୁର୍ମୁ ଜଣେ ଭଲ ବ୍ୟକ୍ତିତ୍ୱ "। ତାଙ୍କ ସହ ମୁଁ ୫ ବର୍ଷ ଧରି ବିଧାନସଭାରେ କାର୍ଯ୍ୟ କରିଛି । ସେ ଜଣେ ଭଲ ବକ୍ତା । କିନ୍ତୁ, ସେ ଯେତେ ଭଲ ଲୋକ ହେଲେ ମଧ ବିଜେପି ଓ ଆରଏସଏସ ଚିନ୍ତାଧାରାରେ ରାଜନୀତି କରୁଛନ୍ତି । ଏହାଛଡ଼ା କଂଗ୍ରେସ ଅନ୍ୟ ବିରୋଧୀ ଦଳ ସହ ମିଶି ରାଷ୍ଟ୍ରପତି ପ୍ରାର୍ଥୀ ଘ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ଶନିବାର, ଜୁନ୍ ୨୫, ୨୦୨୦

ରୋବୋଟ ସାମ୍ବାଦିକ

ଟୋବିର କାର୍ଯ୍ୟ ମିଆମିଠାରେ ଆୟୋଜିତ 'କମ୍ପ୍ୟୁଟରୀକରଣ ଯୁକ୍ତ ସାମ୍ବାଦିକତା' ସମ୍ମିଳନୀରେ ପ୍ରସ୍ତାପନ କରାଯାଇଥିଲା । ହେଲିଓଗ୍ରାଫ ନାମକ ଏକ ଅଟୋମେଟେଡ୍ ପ୍ରୋଗ୍ରାମ ସହାୟତାରେ 'ଦି ୱାଶିଂଟନ୍ ପୋଷ୍ଟ' ୨୦୧୪ରୁ ସ୍ଥାନୀୟ କ୍ରୀଡ଼ା ଓ ବ୍ୟବସାୟିକ କାର୍ଯ୍ୟକ୍ରମ ସହ ୫୦୦ରୁ ଅଧିକ ନିର୍ବାଚନ ଲାଗି ଖବର ପ୍ରସ୍ତୁତ କରିପାରିଛି । ଏହା ଖବରକାଗଜର ସମ୍ପାଦକୀୟ ବିଭାଗକୁ ସହଯୋଗ କରିବା ଲାଗି ଉଦ୍ଦିଷ୍ଟ ଏବଂ ଏହି ରୋବଟର କାମ ଫଳରେ କୌଣସି ସହକର୍ମୀଙ୍କୁ କାର୍ଯ୍ୟରୁ ବାହାର କରାଯିବ ନାହିଁ ବୋଲି ୱାଶିଂଟନ୍ ପୋଷ୍ଟର ଷ୍ଟ୍ରାଟେଜିକ ଡାଇରେକ୍ଟର ଜେରେମି ଗିଲବର୍ଟ କହିଛନ୍ତି । ବିଶ୍ୱ ସ୍ତରରେ ରୋବୋ ସାମ୍ବାଦିକତାକୁ ସକାରାତ୍ମକ ଭାବେ ଗ୍ରହଣ କରାଯିବାକୁ ନେଇ ଓରେଗନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଦାମିଆନ୍ ରାଡକ୍ଲିଫ ଆଶାବାଦୀ ଅଛନ୍ତି । ଏହା କାର୍ଯ୍ୟକୁ ସଠିକ୍ ଏବଂ ତ୍ୱରାନ୍ୱିତ କରିବାରେ ସହାୟକ ହେବ ଏବଂ ସାମ୍ବାଦିକମାନଙ୍କ ଉପରେ ଥିବା ସମୟସୀମାର ଚାପ କମାଇପାରିବ ବୋଲି କହିଛନ୍ତି ସେ । ଲସ୍ ଆଞ୍ଜେଲସ୍ ଟାଇମସ ପାଇଁ ମଧ୍ୟ 'କ୍ୱେକବଟ୍'' କାମ କରୁଛି । ଗତବର୍ଷ ରଏଟ ସ 'ଲିଙ୍କସ ଇନସାଇଟ୍' କୁ କାର୍ଯ୍ୟରେ ସାମିଲ କରିଥିଲା । ଏହା ସାମ୍ପ୍ରତିକ ସମୟର ଆବଶ୍ୟକତାକୁ ବିଶ୍ଳେଷଣ କରି ସାମ୍ବାଦିକମାନଙ୍କୁ ସେହି



ଟେକନୋଲୋଜି କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଘଟିଚାଲିଥିବା ବେଳେ ହୋଟେଲଠାରୁ ହସପିଟାଲ ଯାଏ ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ରୋବଟ କର୍ମଚାରୀ ନିୟୋଜିତ ହେଲେଣି । ଅସ୍ତ୍ରୋପଚାର ଭଳି ଜଟିଳ କାର୍ଯ୍ୟ ରୋବଟଙ୍କ ଦ୍ୱାରା କରାଯାଇପାରୁଛି । ଏବେ ସାମ୍ବାଦିକତା କ୍ଷେତ୍ରରେ ବି ରୋବଟ ପ୍ରବେଶ କଲେଣି । ୨୦୧୭ ମସିହାରେ ଚୀନ୍ ବିଶ୍ୱର ପ୍ରଥମ ରୋବୋଟ ସାମ୍ବାଦିକ ପରୀକ୍ଷା କରିଥିଲା । ଜଚିଆଓନାନ୍ ନାମକ ଏହି ରୋବଟ ପ୍ରତି ସେକେଣ୍ଡରେ ୩୦୦ ଶବ୍ଦ ଲେଖିଦେଇଥିବା ବେଳେ ଏଥିରେ ବନାନ ଅଶୁଦ୍ଧି ଆଦୌ ନଥିଲା । ତେବେ ଏହି ରୋବଟ ଖବର ଲେଖିବା ସହ ଏ ବାବଦରେ ଚର୍ଚ୍ଚା କରିଥିବା ବେଳେ ଖବର ଶ୍ରେଣୀଭୁକ୍ତ କରିବା କିମ୍ବା କାହାର ସାକ୍ଷାତାକାର ନେବା ପରି କାର୍ଯ୍ୟ ସମ୍ପାଦନରେ ସକ୍ଷମ ହୋଇପାରିନଥିଲା । ଚୀନର ବସନ୍ତ ଉତ୍ସବ ବେଳେ ହୋଇଥିବା ଲୋକଭିଡ଼ ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତ କରିଥିଲା ଜିଆ ଓନାନ୍ । ତା'ର ରିପୋର୍ଟ ମଧ୍ୟ ଗୁଆଙ୍ଗଝୁର 'ସଦନ ମେଟ୍ରୋପଲିସ୍ ଡେଲି'ରେ ପ୍ରକାଶିତ ହୋଇଥିଲା । ପ୍ରାୟ ଏକଦଶନ୍ଧି ହେବ ସାମ୍ବାଦିକତା ପାର୍ଟ୍ସ କୃତ୍ରିମ ବୁଦ୍ଧିମତ୍ତା ସମ୍ପନ୍ନ ସଫ୍ଟୱେର ପ୍ରସ୍ତୁତ କରାଯାଇସାରିଥିଲେ ବି ଏବେ ନ୍ୟୁଜରୁମରେ ଏହା ନିଜ ଦକ୍ଷତା ଦେଖାଇବାକୁ ପ୍ରସ୍ତୁତ ହେଲାଣି । ଏହି ରୋବୋ ସାମ୍ବାଦିକ କ୍ରୀଡ଼ା, ନିର୍ବାଚନ ଆଦି ପ୍ରସଙ୍ଗରେ ରିପୋର୍ଟ ପ୍ରସ୍ତୁତ କରୁଛି । ଏପରି ଏକ ରୋବଟ ଟୋବି ୨୦୧୮ ନଭେମ୍ବରରେ ହୋଇଥିବା ସ୍ୱିଜରଲାଣ୍ଡର ୨୨୨୨ଟି ମ୍ୟୁନିସିପାଲିଟି ନିର୍ବାଚନ ଲାଗି ମାତ୍ର ୫ମିନିଟରେ ୪୦ ହଜାର ଖବର ପ୍ରସ୍ତୁତ କରିପାରିଥିଲା । ଏହା ଦ୍ରୁତ କାର୍ଯ୍ୟଶୈଳୀ ସହିତ ବହୁଭାଷୀ ଭାବେ କାମ କରିପାରେ । ଟୋବି ଏବେ ଉଭୟ ଫରାସୀ ଏବଂ ଜର୍ମାନ ଭାଷାରେ ରିପୋର୍ଟ ଲେଖିପାରୁଛି ।

ସଂକ୍ରାନ୍ତ ରିପୋର୍ଟ ପ୍ରସ୍ତୁତ କରିବାର ପରାମର୍ଶ ଦେଇଥାଏ । ଫ୍ରାନ୍ସର ଲେମଣ୍ଡ ଏବଂ ସିଲାବସ୍ ଏପରି ଏକ କମ୍ପ୍ୟୁଟର ପ୍ରୋଗ୍ରାମ ପ୍ରସ୍ତୁତ କରିଥିଲେ । ଯାହା ୨୦୧୫ ନିର୍ବାଚନରେ ୩୬ ହଜାର ମ୍ୟୁନିସିପାଲିଟିଙ୍କୁ ନେଇ ଦେଢ଼ଲକ୍ଷ ୱେବପେଜ୍ କରିପାରିଥିଲା । ଜର୍ମାନ୍ ପାଠକଙ୍କ ମତରେ, ରୋବଟ ପ୍ରସ୍ତୁତ କରିଥିବା ଲେଖା ଉପଯୋଗୀ, କିନ୍ତୁ ମଣିଙ୍କେ ଆଲେଖ୍ୟ ପାଠ୍ୟୋପଯୋଗୀ । ତେଣୁ ରୋବୋ ସାମ୍ବାଦିକ ଏହି ପେସାରେ କେବଳ ସହଯୋଗୀ ଭାବେ କାର୍ଯ୍ୟ କରିପାରନ୍ତି ବୋଲି ଆଶା କରାଯାଏ । ଭାରତର ଗୁରୁଗ୍ରାମସ୍ଥିତ ନ୍ୟୁଜବାଇଟସରେ ରିପୋର୍ଟ ପ୍ରସ୍ତୁତିରେ ସାହାଯ୍ୟ କରିବା ଲାଗି ତିଆରି କରାଯାଇଛି 'ଯନ୍ତ୍ର' । ଏହାଖବର ଏବଂ ସମସ୍ତ ସୂଚନାକୁ ମଣିଷଙ୍କ ଅପେକ୍ଷା ତ୍ୱରିତ ବେଗରେ ପଢ଼ିବା ସହ ବୁଝିପାରିବ ଏବଂ ବିଶ୍ଳେଷଣ ମଧ୍ୟ କରିପାରିବ । ଏହାପରେ ନିଜ ନିକଟରେ ଥିବା ମଣିଷଜଣଙ୍କୁ କହି ରିପୋଟଟି ଲେଖାଇବ । ନ୍ୟୁଜବାଇଟସରେ ୬ମାସ କାଳ ଲାଗି 'ଯନ୍ତ୍ର'କୁ ପ୍ରସ୍ତୁତ କରାଯାଇଥିବା ବେଳେ ଏହାର ପରବର୍ତ୍ତୀ ସଂସ୍କରଣ ରିପୋର୍ଟ ଲେଖିପାରିବ ବୋଲି କୁହାଯାଉଛି । ପାକିସ୍ତାନରେ ବ୍ୟବସାୟିକ ସାମ୍ବାଦିକକତା କ୍ଷେତ୍ରରେ ସହଯୋଗ କରୁଛି 'ଦାନ୍ତୋ' । ଷ୍ଟକ୍ ଏକ୍ସଚେଞ୍ଜ କାରବାର ସମ୍ପର୍କରେ ମାତ୍ର କେଇ ସେକେଣ୍ଡରେ ଏହା ଉପଯୋଗୀ ଆଲେଖ୍ୟ ପ୍ରସ୍ତୁତ କରିବା ସହ ଏହାକୁ ଛପାଇ ପାରୁଛି । ପାଣିପାଗ ଏବଂ କ୍ରୀଡ଼ାକ୍ଷେତ୍ରରେ କାର୍ଯ୍ୟ କରିବାକୁ ମଧ୍ୟ ଏହା ସକ୍ଷମ ।

କ୍ଷୁଦ୍ର ଥର୍ମୋମିଟର

ସାଧାରଣତଃ ଶରୀରର ତାପମାତ୍ରା ମାପିବା ପାଇଁ ଥର୍ମୋମଟର ବ୍ୟବହାର କରାଯାଇଥାଏ । ଥର୍ମୋମିଟର ପ୍ରସ୍ତୁତ ହୋଇଛି ଯାହାକୁ ନେଇ ଚର୍ଚ୍ଚା ଅରମ୍ଭ ହୋଇଯାଇଛି । କାନାଡ଼ାସ୍ଥିତ ୟୁନିଭର୍ସିଟି ଅଫ ମଣ୍ଟ୍ରିଲର ଗବେଷକମାନେ ଏପରି ଏକ ଥର୍ମୋମିଟର ପ୍ରସ୍ତୁତ କରିଛନ୍ତି ଯାହାକୁ ବିଶ୍ୱର ସବୁଠାରୁ କ୍ଷୁଦ୍ର ଥର୍ମୋମିଟର ଭାବରେ ଅଭିହିତ କରାଯାଇଛି । ଏହାର ଆକାର ଏତେ ଛୋଟ ଯେ ତାହା ମଣିଷ କେଶ ଆକାରର ୨୦,୦୦୦ ଭାଗରୁ ଭାଗେ । ଡିଏନଏ ଆକାରକୁ ଲକ୍ଷ୍ୟ ରଖି ଏହାକୁ ପ୍ରସ୍ତୁତ କରାଯାଇଛି । ଏହି ଥର୍ମୋମିଟର ଚଉଡ଼ା ହେଉଛି ୫ ଏନଏମ । ନାନୋଟେକ୍ନୋଲୋଜି ଉପାୟରେ ପ୍ରସ୍ତୁତ ଉକ୍ତ ଥର୍ମୋମିଟରରୁ କେବଳ ଶରୀରର ତାପମାତ୍ରା ନୁହେଁ, ସ୍ୱାସ୍ଥ୍ୟ ସମ୍ପର୍କିତ ଆଉ କେତେକ ତଥ୍ୟ ମଧ୍ୟ ଜାଣିହେବ ବୋଲି କହିଚନ୍ତି ଏହି ୟୁନିଭର୍ସିଟିର ଗବେଷକ ଡେଭିଡ଼ ଗରାୟୁ ।

ଅନ୍ତରୀକ୍ଷ ବିଷୟରେ ରୋଚକ ତଥ୍ୟ

ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଅନ୍ତରୀକ୍ଷରେ ପାଣିର ବିଶାଳ ଭଣ୍ଡାର ଭାସମାନ ଅବସ୍ଥାରେ ଅଛି ଯାହା କି ପୃଥିବୀରେ ଥିବା ସମସ୍ତ ସମୁଦ୍ରରେ ପାଣି ଠାରୁ ଲକ୍ଷ୍ୟାଧିକ ଗୁଣ ଅଧିକ । ଅନ୍ତରୀକ୍ଷକୁ ଯାଉଥିବା ଯାତ୍ରୀଙ୍କର ଗୋଟିଏ ସ୍ପେସ୍ ସୁଟ୍ ତିଆରି କରିବାକୁ ଭାରତୀୟ ମୁଦ୍ରାରେ ଏକ କୋଟି କୋଡ଼ିଏ ଲକ୍ଷ ଟଙ୍କା ଦରକାର ହୁଏ । ଅନ୍ତରୀକ୍ଷ ଯାତ୍ରୀଙ୍କ ଅନୁସାରେ ସ୍ପେସରେ ଓ୍ୱେଲଡିଙ୍ଗର ଧୂଆଁ ଓ ଗରମ ଧାତୁ ପରି ବାସ୍ନା ଥାଏ । ସ୍ପେସରେ ପ୍ରଥମ ସେଲଫି ୧୯୬୬ରେ ବନ୍ ଏଲଡ୍ରିନଙ୍କ ଦ୍ୱାରା ନିଆଯାଇଥିଲା ଏହାର ଦାମ ୬ଲକ୍ଷ ଟଙ୍କା । ଏମାନଙ୍କ ମତରେ ସେଠାରେ ଦିନରେ ପନ୍ଦର ଥର ସୂର୍ଯ୍ୟ ଉଦୟ ହୁଅନ୍ତି ଓ ଅସ୍ତ ଯାଆନ୍ତି । ଅଧିକାଂଶ ଅନ୍ତରୀକ୍ଷ ଯାତ୍ରୀ ଅନ୍ତରୀକ୍ଷକୁ ଯାଇ ଦୁଇ ଇଞ୍ଚ ଲମ୍ବା ହୋଇଯାନ୍ତି । ଆପଣ ଅନ୍ତରୀକ୍ଷରେ କାନ୍ଦି ପାରିବେ ନାହିଁ କାରଣ ସେଠାରେ ଲୁହ ବାହାରେ ନାହିଁ । ଶନିଗ୍ରହଙ୍କ ଚାରିପଟେ ଦେଖାଯାଉଥିବା ବଳୟ ବରଫ ସେଠାରେ ଲୁହ ବାହାରେ ନାହିଁ । ଶନିଗ୍ରହଙ୍କ ଚାରିପଟେ ଦେଖାଯୁଥିବା ବଳୟ ବରଫ, ଧୂଳି ଓ ପଥର ମିଶି ହୋଇଛି । କାରଣ ସେଠାରେ ସୂର୍ଯ୍ୟ ଧଳାରଙ୍ଗର ଦେଖାଯାଆନ୍ତି । ଅନ୍ତରୀକ୍ଷରେ ଯାତ୍ରୀମାନଙ୍କୁ ବହୁତ ସଂଘର୍ଷ କରିବାକୁ ପଡ଼େ । ସେମାନଙ୍କୁ ଆଖିରେ ପଟି ବାନ୍ଧି ଗୋଟିଏ ବଙ୍କରେ ଶେଶଇବାକୁ ପଡ଼େ କାରଣ ପହଁରିବା ବା ଏପଟ ସେପଟ ହୋଇ ବାଡ଼େଇ ହେବାର ସମ୍ଭାବନା ଥାଏ । ଆମେରିକାର ଅନ୍ତରୀକ୍ଷ ଯାତ୍ରୀମାନେ ଅନ୍ତରୀକ୍ଷରୁ ନିର୍ବାଚନରେ ସେମାନଙ୍କର ଭୋଟ୍ ଦେଇପାରନ୍ତି । ସେଠାରେ ରହିବା ବେଳେ ଏହି ଯାତ୍ରୀମାନଙ୍କର ନଖ ଛୋଟ ହୋଇଯାଏ । ପୃଥିବୀରୁ ଆକାଶ ନୀଳ ରଙ୍ଗ ଦେଖାଯାଏ କିନ୍ତୁ ସେଠାରେ ସେମାନଙ୍କୁ ଆକାଶ କଳା ରଙ୍ଗର ଦେଖାଯାଏ ।

ଲେଉଟିଆ ଶାଗ

ଲେଉଟିଆ ଶାଗ ସାଧାରଣତଃ ଖରାଦିନେ ଚାଷ କରାଯାଇଥାଏ । ଏଥିଲାଗି ୫ ଫୁଟ (୧.୫ମିଟର) ଲମ୍ବ ଓ ୪ ଫୁଟ (୧.୨୦ମିଟର) ଓସାରର ଛୋଟଛୋଟ ପଟାଳି କରି ତାର ଚାରିପଟେ ହୁଡ଼ା ଟେକି ଦିଅନ୍ତୁ । ମାଟିକୁ ହାଣି ଭଲଭାବରେ ଗୁଣ୍ଡକରି ଅନାବନା ଘାସ ସବୁ ବାଛି ପ୍ରତ୍ୟେକ ପଟାଳିରେ ଝୁଡ଼ିଏ ବା ଦୁଇ ଝୁଡ଼ି ଶୁଖିଲା ଶଢ଼ା ଗୋବରଖତ ମିଶାଇ ଦିଅନ୍ତୁ । ଏକରକୁ ୪ ରୁ ୬ କେଜି ମଞ୍ଜି ଯୋଗାଡ଼ କରନ୍ତୁ । ଶାଗ ମଞ୍ଜିଗୁଡ଼ିକ ଛୋଟଛୋଟ ହୋଇଥିବା ଯୋଗୁଁ କିଛି ରଗଡ଼ା ବାଲି ମିଶାଇ ଯତ୍ନ ସହକାରେ ପତଳା କରି ସବୁଆଡ଼େ ସମାନ ଭାବରେ ବୁଣନ୍ତୁ । ମଞ୍ଜି ବୁଣିବା ପରେ ମାଟିକୁ ଟିକିଏ ହାତରେ ଏପଟ ସେପଟ ଚଲାଇ ପଟାଳିକୁ ପାଳ ବା ନଡ଼ା ଦ୍ୱାରା ଘୋଡ଼ାଇ ପାଣି ଛିଞ୍ଚି ଦିଅନ୍ତୁ । ମଞ୍ଜି ଗଜା ହୋଇ ଆସିଲେ ନଡ଼ା ବାହାର କରି ଦିଅନ୍ତୁ । ତଳିଗୁଡ଼ିକ ୧୨-୧୫ ଦିନର ହୋଇଗଲେ ତାକୁ ନେଇ ଅନ୍ୟତ୍ର ରୋଇବାକୁ ପଡ଼େ । ରୋଇବା ସମୟରେ ଧାଡ଼ିକୁ ଧାଡ଼ି ୭୫ସେମି ଓ ଗଛକୁ ଗଛ ୩୦ ସେମି ବ୍ୟବଧାନ ରଖନ୍ତୁ । ନିୟମିତ ସାର ଦେଇ ପାଣି ମଡ଼ାଇଲେ ୪ମାସ ପର୍ଯ୍ୟନ୍ତ ଶାଗ କଟାଯାଇପାରିବ । ବୁଣିବାର ମାସକ ପରେ କାଟିବା ଆରମ୍ଭ ହୁଏ । ପରେ ପ୍ରତି ୧୫ଦିନ ଅନ୍ତରରେ କାଟିବାକୁ ପଡ଼ିଥାଏ ।

ପନିପରିବାରେ ରୋଗପୋକ ଦମନ



କଖାରୁ, କଲରା ପନିପରିବା ଫଳମାଛି ଲାଗିଥିଲେ ବିଷ ଥୋପ ପ୍ରୟୋଗ କରନ୍ତୁ । ବିଷଥୋପ ପ୍ରସ୍ତୁତ ପାଇଁ ପ୍ରତି ଲିଟର ପାଣିରେ ୨ମିଲି ହିସାବରେ ଲାଥିଅନ ଏବଂ ୨୦ ଗ୍ରାମ ଗୁଡ଼ ମିଶାଇ ମାଟି ମାଠିଆରେ ଗଛ ପାଖରେ ରଖି ଦିଅନ୍ତୁ । ଫିମ୍ପି ଜାତୀୟ ପତ୍ରପୋଡ଼ା ରୋଗର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ ହିସାବରେ ମାଙ୍କୋଜେବ ମିଶାଇ ସିଞ୍ଚନ କରନ୍ତୁ । ବାଇଗଣରେ ଆଗ ଓ ଫଳବିନ୍ଧା ପୋକ ନିୟନ୍ତ୍ରଣ ଲାଗି ଫୋରୋମାନ ଯନ୍ତା ବସାନ୍ତୁ । ପରେ ଅଦଳ ବଦଳ କରି ପ୍ରତି ଲିଟର ପାଣିରେ ୪ ଗ୍ରାମ କାର୍ବାରିଲ ସେଚିତ ଗୁଣ୍ଡ କିମ୍ବା ପ୍ରତି ଲିଟର ପାଣିରେ ୨ମିଲି ମାଲାଥିଅନ ମିଶାଇ ସିଞ୍ଚନ କରନ୍ତୁ । ବାଇଗଣରେ କାଣ୍ଡ ଓ ଫଳ ଶୁଖାରୋଗ ଲାଗିଥିଲେ ତଳାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ଗ୍ରାମ ହିସାବରେ କାର୍ବେଣ୍ଡାଜିମ ଓ ମାଙ୍କୋଜେବର ମିଶ୍ରଣ ସିଞ୍ଚନ କିନ୍ତୁ । ପୋଟଳରେ ମୂଳ ପଚିଯାଇଥିଲେ ପ୍ରତି ୧୦ଲିଟର ପାଣିରେ ୧ ଗ୍ରାମ ଷ୍ଟ୍ରେପଟୋପସାଚକ୍ଲିନ ସହିତ ୨୦ ଗ୍ରାମ କପର ଅକ୍ସିକ୍ଲୋରାଇଡ଼ ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ । ପୋଟଳ ଫୁଲ ଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଆବଶ୍ୟକ । କାରଣ ଘାସ ଜମିର ଆର୍ଦ୍ରତା ବଜାୟ

ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫୁଲକୁ ନିରାପଦରେ ଧରି ରଖେ, ଏହାଦ୍ୱାରା ଫୁଲ ଗୁଡ଼ିକ ମାଟି ସଂସ୍ପର୍ଶରେ ଆସି ନଷ୍ଟ ହୁଏ ନାହିଁ । ଘାସ ଅଧିକ ନଥିଲେ ନଡ଼ା ବିଛାଇ ଦେଲେ ଫଳ ମାଟିକୁ ଛୁଇଁ ନଥାଏ ଏବଂ ଏହା ଛାଦିକରଣର କାମ କରେ । ନଡ଼ାକୁ ଉଇ ଦାଉରୁ ରକ୍ଷା କରିବା ପାଇଁ ପ୍ରତି ଲିଟର ପାଣିରେ ୨ମିଲି କ୍ଲୋରୋପାଇରିଫସ ମିଶାଇ ସିଞ୍ଚନ କରନ୍ତୁ । ଲଙ୍କା ଫସଲରେ ଉକୁଣିଆ ପୋକ ଲାଗିଛି ଏହାର ନିୟନ୍ତ୍ରଣ ଲାଗି ଏକର ପ୍ରତି ୫୦୦ ମିଲି ଇଥିଅନ କିମ୍ବା ୪୦୦ ମିଲି ଡାଇମେଥୋଏଟ କିମ୍ବା ବ୍ରାଏଜୋଫସ ମିଶାଇ ସିଞ୍ଚନ କରନ୍ତୁ । ପନିପରିବା ଫସଲରେ ଅଷ୍ଟପଦୀରେ ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୪ ମିଲି ହିସାବରେ କେଲଥେନ କିମ୍ବା ୨.୫ ମିଲି ଡାଇକୋଫଲ ମିଶାଇ ସିଞ୍ଚନ କରନ୍ତୁ ।

ଭାରତୀୟ ଖାଦ୍ୟର ଆଦର

ଫ୍ରାନ୍ସରୁ ଏକ ମଧ୍ୟବୟସ୍କ ଦମ୍ପତି ସେମାନଙ୍କ ୧୯ ବର୍ଷୀୟ ପୁଅ ଲିଥେସଙ୍କ ସହ ଭାରତ ଭ୍ରମଣରେ ଆସିଥିଲେ । ପୂରା ପରିବାର ପିଜ୍ଜା ଖାଇବା ପାଇଁ ସଦାସର୍ବଦା ବ୍ୟାକୁଳ ଥାନ୍ତି । ଫ୍ରାନ୍ସର ଗଳିକନ୍ଦିରେ ମଧ୍ୟ ବିଭିନ୍ନ ସୁଆଦର ପିଜ୍ଜା ମିଳିଥାଏ । ଭାରତ ଆସିବା ପୂର୍ବରୁ ଲିଥେସ୍ ଇଣ୍ଟରନେଟରୁ ଅବଗତ ହୋଇଥିଲେ ଯେ ଭାରତରେ ସୁଆଦିଆ ଖାଦ୍ୟ ମିଳିଥାଏ ସତ, କିନ୍ତୁ ସେସବୁ ଖବ୍ ମସଲାରେ ପ୍ରସ୍ତୁତ କରାଯାଏ । ଏହା ସହ ତାଙ୍କ ଫ୍ରାନ୍ସ ଷ୍ଟାଇଲର ପିଜ୍ଜା ଏଠାରେ ମିଳିବ ନାହିଁ ବୋଲି ଆଶଙ୍କାରେ ସେମାନେ ଆସିଲେ । ପ୍ରଥମେ ପୁଡୁଚେରୀରେ ସେମାନେ ପହଞ୍ଚିଲେ । ଫରାସୀ ଢ଼ାଞ୍ଚାର ଏଇ ସହରକୁ ମାତ୍ର କିଛି ଘଣ୍ଟାରେ ଏଇ ଫ୍ରାନ୍ସ ପରିବାର ଆଦରି ନେଲା । ପହଞ୍ଚିବା ପରେ ପ୍ରଥମେ ସେମାନେ ଭାରତୀୟ ଖାଦ୍ୟ 'ଦୋସା' ଖାଇଲେ । ଖୁବ୍ ସ୍ୱାଦିଷ୍ଟ ଥିଲା, କିନ୍ତୁ ଲିଥେସଙ୍କ ମନ ପିଜ୍ଜା ପାଖରେ ଥାଏ । ସାନ୍ଧ୍ୟ ଭ୍ରମଣରେ ସମୁଦ୍ରକୂଳ ପାଖରେ ବୁଲୁଥିବା ସମୟରେ ଏକ

କାଫେ ତାଙ୍କ ଦୃଷ୍ଟିରେ ଆସିଲା । ବେଶୀ ଚାକଚକ୍ୟ ନଥିଲା କିନ୍ତୁ ବାହାରେ ମେନୁ ଲେଖାଥିଲା ଯେ ଇଟାଲିଆନ୍ ପିଜ୍ଜା ଏଠାରେ ଉପଲବ୍ଧ । ତୁରନ୍ତ ଏକ ଫରାସୀ ପରିବାର ଭିତରକୁ ଯାଇ ବରାଦ ଦେଲା 'ପିଜ୍ଜା' । କିଛି କ୍ଷଣରେ ସେମାନଙ୍କୁ ମିଳିଲା 'ପିଜ୍ଜା' । ଖାଇବା ପରେ ଲିଥେସ୍ ଆଶ୍ଚର୍ଯ୍ୟ ହେଲେ ଯେ ଭାରତରେ ଏଭଳି ସ୍ୱାଦର ପିଜ୍ଜା ମିଳିବ ବୋଲି ସେ ସ୍ୱପ୍ନରେ ସୁଦ୍ଧା ଭାବିନଥିଲେ । ଏହା ଇଟାଲୀ ପିଜ୍ଜାଠାରୁ ମଧ୍ୟ ଅଧିକ ସୁଆଦିଆ ବୋଲି ସେ ସୋସିଆଲ ସାଇଟରେ ଅପଲୋଡ କରିଛନ୍ତି ।

ତ୍ୱଚାର ସ୍ୱାସ୍ଥ୍ୟ ପାଇଁ ସୁରା

ତ୍ୱଚାର ସ୍ୱାସ୍ଥ୍ୟ ପାଇଁ ସୁରା କୌଣସି ଦୃଷ୍ଟିରୁ ଉପକାରୀ ନୁହେଁ । ତେବେ, ନିକଟରେ ବିକ୍ରି ଆରମ୍ଭ ହୋଇଥିବା ଏଣ୍ଟି ଜିନ ନାମକ ସୁରା, ବୟସ ବୃଦ୍ଧି ଜନିତ ବିଭିନ୍ନ ଛାପ ଦୂରକରିବାରେ ସଫଳ ହେବ ବୋଲି ଏହାର ନିର୍ମାତା ଦାବି କରିଛନ୍ତି । ଏହି ସୁରାରେ ଆଲକୋହଲର ପରିମାଣ ଚାଳିଶ ପ୍ରତିଶତ । ଏଥିରେ ଶୁଦ୍ଧ କୋଲାଜେନ ଏବଂ ଗ୍ରିନ ଟି, ହାଜେଲ ଅଏଲ, ଗୋଟୁକୋଲା, ଚାମୋମାଇଲ ଓ ଚରଡୋକ ଭଳି ଏଣ୍ଟି ଅକ୍ସିଡାଣ୍ଟ ଧନିଆ, ଡାଲଚିନି, ଲିକୋରାଇସ, ଏଞ୍ଜେଲିକା ମୂଳ ମିଶ୍ରିତ । ବୟସ ବଢ଼ିଲେ ତ୍ୱଚାରୁ କେଲୋଜେନ ପରିମାଣ ହ୍ରାସ ପାଏ । ପରିଣାମ ସ୍ୱରୂପ ଚର୍ମ କୁଞ୍ଚନ ଦେଖାଯାଏ । ଏହି ସୁରାରେ ଥିବା କୋଲେଜନ ବିକଳ୍ପ ଭାବେ କାମ କରିବ । ହାଜେଲ ଅଏଲ ବୀଜାଣୁ ପ୍ରତିରୋଧକ, ଗୋଟୁ କୋଲା ସେଲୁଲାଇଟ ହ୍ରାସକାରୀ, ଏବଂ ବରଡୋକ ଚର୍ମ ଫାଟିବା ସମସ୍ୟା ଦୂରକରେ । ଏହିସବୁ ଉପାଦାନ ଯୋଗୁଁ ସୁରାଟି ଉପକାରୀ ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୨୫ ଜୁନ୍ ୨୦୨୨, ଶନିବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଅନିଶ୍ଚିତତାରେ ଶିବସେନା...

ଗତ ସୋମବାର ଦିନଠାରୁ ମହାରାଷ୍ଟ୍ରରେ ମୁଣ୍ଡ ଟେକିଥିବା ରାଜନୈତିକ ସଂକଟରେ ଏପର୍ଯ୍ୟନ୍ତ କୌଣସି ପୂର୍ଣ୍ଣଚ୍ଛେଦ ପଡ଼ିନାହିଁ । ବରଂ ଦିନକୁ ଦିନ ଏହା ଅଧୁକ ଜଟିଳ ହେବାରେ ଲାଗିଛି । କିନ୍ତୁ ସମଗ୍ର ଘଟଣାଟି ଯେଉଁଭଳି ଭାବେ ଆଗକୁ ବଢ଼ିବାରେ ଲାଗିଛି ସେଥିରେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାରେ ମହାବିକାଶ ଆଘାଡ଼ି ସରକାରକୁ ବ ।ଇ ରଖିବାରେ ସକ୍ଷମ ହୋଇପାରନ୍ତି ବୋଲି ଚିତ୍ର ସ୍ପଷ୍ଟ ହେବାରେ ଲାଗିଛି । ଉଦ୍ଧବ ଠାକରେଙ୍କ ନେତୃତ୍ୱକୁ ସିଧାସଳଖ ଚାଲେଞ୍ଜ କରି ବିଦ୍ରୋହୀ ସାଜିଥିବା ଏକନାଥ ସିନ୍ଧୁ ଦିନକୁ ଦିନ ତାଙ୍କ ଜିଦ୍‌ରେ ମଜଭୁତ ହେବାରେ ଲାଗିଛନ୍ତି ଏବଂ ବେଳକୁ ବେଳ ଆନୁଗତ୍ୟ ପ୍ରକଟ କରି ଶିବସେନାର ଅଧୁକ ବିଧାୟକ ତାଙ୍କ ଶିବିରରେ ସାମିଲ ହେବାରେ ଲାଗିଛନ୍ତି । ଶ୍ରୀ ସିନ୍ଧେଙ୍କ ଦାବି ଅନୁସାରେ, ଏବେ ତାଙ୍କ ଶିବିରରେ ୪୬ଜଣ ବିଧାୟକ ସାମିଲ ହୋଇସାରିଲେଣି ଏବଂ ଖୁବ୍ ଶୀଘ୍ର ସେ ତାଙ୍କର ପରବ ୀ ଚାଲ୍ ଖେଳିବେ । ସୂଚନାଯୋଗ୍ୟ ଯେ, ଏମଭିଏ ମେ ରେ ଶିବସେନାଙ୍କ ମୋଟ୍ ବିଧାୟକଙ୍କ ସଂଖ୍ୟା ୫୫ ଏବଂ ସେଥିରୁ ଯଦି ଦୁଇ-ତୃତୀୟାଂଶ (୩୭ ଜଣ) ବିଧାୟକ ଓହରି ଯାଆନ୍ତି ତେବେ ଦଳ ବଦଳ ଆଇନ ଅନୁସାରେ ସେମାନେ ନିଜର ସଦସ୍ୟ ପଦ ହରାଇବେ ନାହିଁ । ଉପୂନ୍ନ ସ୍ଥିତିରେ ବିଦ୍ରୋହୀ ବିଧାୟକମାନେ ଉଦ୍ଧବ ଠାକରେଙ୍କ ଉପରୁ ସେମାନଙ୍କର ଆସ୍ଥା ତୁଟିଥିବା ସ୍ପଷ୍ଟ କରିଛନ୍ତି । ଏପରିକି ସେମାନେ ନିଜକୁ ପ୍ରକୃତ ଶିବ ସୈନିକ ବୋଲି ଦାବି କରିଛନ୍ତି । ମୁଖ୍ୟମନ୍ତ୍ରୀ ଭାବେ ଉଦ୍ଧବ ଠାକରେ ଦଳର ବରିଷ୍ଠ ମନ୍ତ୍ରୀ, ବିଧାୟକ ଓ ନେତାଙ୍କ ପାଇଁ ଅପହ ରହିବା ଏବଂ ମନମୁଖୀ ଭାବେ କାର୍ଯ୍ୟ କରିବା ସେମାନଙ୍କୁ କ୍ଷୁବ୍ଧ କରିଛି ଏବଂ ସେମାନେ ଏଭଳି ଚରମ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହୋଇଛନ୍ତି ବୋଲି ଦର୍ଶାଇଛନ୍ତି । ବିଦ୍ରୋହୀ ବିଧାୟକମାନଙ୍କର ଆଉ ଗୋଟିଏ ଅଭିଯୋଗ ଯେ, ଶିବସେନା କଂଗ୍ରେସ ଏବଂ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନସିପି) ସହିତ ମେ କରିବା ଦ୍ୱାରା ସେଥିରୁ କେବଳ ସହଯୋଗୀ ଦଳଙ୍କୁ ହିଁ ଫାଇଦା ମିଳିଛି, ଶିବସେନାକୁ ନୁହେଁ । ତେଣୁ ଶିବସେନା କଂଗ୍ରେସ ଏବଂ ଏନସିପି ପରିବର୍ତ୍ତେ ବିଜେପି ସହିତ ମେ ବାନ୍ଧି ସରକାର ଗଢ଼ିବା ଦରକାର ବୋଲି ସେମାନେ କହିଛନ୍ତି । ଏହି ସବୁ ଅଭିଯୋଗ କେବଳ ନାମକୁ ମାତ୍ର । ବାସ୍ତବତା ହେଲା, ଉଦ୍ଧବ ଠାକରେଙ୍କ ନେତୃତ୍ୱକୁ ଏହା ଏକ ଶକ୍ତ ଚାଲେଞ୍ଜ । ଶିବସେନାର ୫୬ବର୍ଷର ଇତିହାସ ମଧ୍ୟରେ ଯେତେ ଯେତେ ବିଦ୍ରୋହ ଅବା ଗୋଷ୍ଠୀକନ୍ଦଳ ହୋଇଛି, ସେଥିମଧ୍ୟରୁ ଏହା ସବୁଠାରୁ ବଡ଼ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ବ୍ୟକ୍ତି ଯେତେ ବଡ଼ ହେଲେ ସୁଦ୍ଧା ସାମୂହିକ ଭାବେ ସଭିଏଁ ସମାନ ଏବଂ ପ୍ରତ୍ୟେକ ସଦସ୍ୟର ପ୍ରତିବାଦ କରିବାର ସ୍ୱାଧୀନତା ରହିଛି ; ଏହି ଘଟଣାରୁ ତାହା ସ୍ପଷ୍ଟ ହୋଇଯାଇଛି । ତେଣୁ ଉଦ୍ଧବ ଠାକରେଙ୍କ ପାଇଁ କେବଳ ମୁଖ୍ୟମନ୍ତ୍ରୀ ପଦ ହରାଇବା ନୁହେଁ, ଦଳ ପାଇଁ ମଧ୍ୟ ଏକ ନେତୃତ୍ୱ ସଂକଟ ଦେଖାଦେଇଛି ବୋଲି କୁହାଯାଇପାରେ । ଶ୍ରୀ ଠାକରେ ଇତି ମଧ୍ୟରେ ଯେଉଁ ଆବେଗପୂର୍ଣ୍ଣ ବା ୀ ଦେଇଛନ୍ତି ଏବଂ ଦଳ ପାଇଁ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାଲାଗି ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି, ତାହା ବିଳମ୍ବିତ ଔଷଧ ଭଳି ପ୍ରତୀୟମାନ ହୁଏ । ବ ର୍ତ୍ତମାନ ଅବସ୍ଥାରେ ବିଦ୍ରୋହୀ ବିଧାୟକମାନେ ଆଉ ଏଭଳି ଆବେଗିକ ଆହ୍ୱାନରେ ମନ ପରିବ ର୍ତ୍ତନ କରିବା ପରି ମନେ ହୁଏନାହିଁ । ବରଂ ବିଦ୍ରୋହରେ ସେମାନେ ବିଜୟୀ ହୋଇଛନ୍ତି ବୋଲି ଭାବିବା ସ୍ୱାଭାବିକ । ଭାରତୀୟ ରାଜନୀତିରେ ବିଦ୍ରୋହ ଏବଂ ରିସୋର୍ଟ ପଲିଟିକ୍ସ ଏକ ବାସ୍ତବତା ନୁହେଁ ବରଂ ସ୍ୱାଭାବିକତା ଭାବେ ଗୃହୀତ ହୋଇସାରିଛି । ଅତୀତରେ ବହୁ ରାଜ୍ୟରେ ବିଦ୍ରୋହୀ ବିଧାୟକମାନେ ହଠାତ୍ ପ୍ରତିବେଶୀ ରାଜ୍ୟ କିମ୍ବା ଅନ୍ୟ ସ୍ଥାନକୁ ଯାଇ ସେଠାରେ ଡେରା ପକାଇବା ଓ ନିଜ ଉଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିବାର ଅନେକ ନଜିର ରହିଛି । କିନ୍ତୁ ଅଧୁକାଂଶ କ୍ଷେତ୍ରରେ ଯେତେ ବିଦ୍ରୋହ ହେଲେ ସୁଦ୍ଧା ପରିଶେଷରେ ବିଧାନସଭା କକ୍ଷରେ ହିଁ ସମସ୍ତଙ୍କୁ ସଂଖ୍ୟାର ପ୍ରମାଣ ଦେବାକୁ ପଡ଼ିବ। ଉଦ୍ଧବ ଠାକରେ ମୁଖ୍ୟମନ୍ତ୍ରୀ ରହନ୍ତୁ ଅବା ନରହନ୍ତୁ, ବିଦ୍ରୋହୀମାନେ ନିଜ ଲକ୍ଷ୍ୟ ହାସଲ କରିବାରେ ସକ୍ଷମ ହୁଅନ୍ତୁ ଅବା ନହୁଅନ୍ତୁ, ରାଜ୍ୟବାସୀଙ୍କ ଲକ୍ଷ୍ୟ ଏକ ସ୍ଥିର ସରକାର ଉପରେ ନିବଦ୍ଧ। ଭାରତୀୟ ରାଜନୈତିକ ଦୃଶ୍ୟପଟ୍ଟରେ ଏବେ ମେ ଗଠନ ଏବଂ ଭଙ୍ଗା ଏତେ ସାଧାରଣ କଥାରେ ପରିଣତ ହେଲାଣି ଯେ, ତାହାକୁ ଜନସାଧାରଣ ସ୍ୱାଭାବିକ ବୋଲି ଧରିନେଇଛନ୍ତି । ତେଣୁ ପରବ ୀ ମେ ଓ ସରକାର କିଭଳି ଭାବେ ଗଠନ ହେବ ସେଥିପାଇଁ ଜନତାଙ୍କ ଅପେକ୍ଷା । ତେବେ ଏଭଳି ପୃଷ୍ଠଭୂମିରେ ଶିବସେନାର ଭବିଷ୍ୟତକୁ ନେଇ ମୁଖୁଆ ଉଦ୍ଧବ ଠାକରେ ଏବେ ଆଉ ଥରେ ଆତ୍ମସମୀକ୍ଷା କରିବାର ଏହା ପ୍ରକୃଷ୍ଟ ଅବସର।

ପ୍ରଦୀପ୍ତ ଆଚାର୍ଯ୍ୟ

ନିର୍ବାଚନ ପଦ୍ଧତିରେ ସଂସ୍କାରର ଆବଶ୍ୟକତା ଜରୁରୀ

ଗଣତନ୍ତ୍ର ରାଷ୍ଟ୍ର ଏବଂ ନିର୍ବାଚନ ଏ ଦୁଇଟି ଅଙ୍ଗାଙ୍ଗୀ ଭାବେ ଜଡିତ। ଗଣତନ୍ତ୍ର ରାଷ୍ଟ୍ରର ସାବାଳକ ଭୋଟର ମାନେ, ନିର୍ବାଚନ ପଦ୍ଧତିରେ, ସେମାନଙ୍କର ମନ ପସନ୍ଦର ଶାସକଙ୍କୁ ଚୟନ କରନ୍ତି। ସ୍ୱାଧୀନତା ପରଠାରୁ ଆମ ଦେଶରେ, ଅନେକ ସାଧାରଣ ପଂଚବର୍ଷୀୟ ନିର୍ବାଚନ ଏବଂ ମଧ୍ୟବର୍ତୀ କାଳୀନ ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଛି। ସଫଳ ଗଣତନ୍ତ୍ର ନିମନ୍ତେ, ମୁକ୍ତ ଏବଂ ସ୍ୱଚ୍ଛ ନିର୍ବାଚନ ପଦ୍ଧତି ଏକାନ୍ତ ଆବଶ୍ୟକୀୟ। କିନ୍ତୁ ପରିବର୍ତୀତ ସାମାଜିକ ବ୍ୟବସ୍ଥା ତଥା ଅଧିକାଂଶ ଦୁର୍ନିତୀଗ୍ରସ୍ତ ନେତାଙ୍କର, କଳେ ବଳେ କୌଶଳେ ଆସନ ହସ୍ତଗତ କରିବାର ଦୁର୍ବାର ଆକାଂକ୍ଷା, ଏ ପଦ୍ଧତିକୁ ଧୀରେ ଧୀରେ କଳୁଷିତ କରିବାରେ ଲାଗିଛି। ଜାଲିଆତି, ବଳ ପ୍ରୟୋଗ, ଲାଂଚ କାରବାର ଏବଂ ମିଥ୍ୟା ପ୍ରତିଶ୍ରୁତି କ୍ରମାଗତ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ବ୍ୟକ୍ତି ଚରିତ୍ରର ନୈତିକ ଅଧୋଃପତନ, ଅର୍ଥ ବିନିମୟରେ ଭୋଟ ଦେବାର ମାନସିକତା, ଅଗ୍ନିରେ ଘୃତ ସଂଯୋଗ ସଦୃଶ କାର୍ଯ୍ୟ କରୁଛି। ସାଧାରଣ ଜନତାଙ୍କର ମତଦାନ ନିମନ୍ତେ ଆଗ୍ରହ ହ୍ରାସ ପାଇବା ଅନୁମେୟ। ଯଦି ପ୍ରାର୍ଥୀ ମାନେ, ଭୋଟର ମାନଙ୍କୁ ନିଜ ଖର୍ଚ୍ଚରେ ମତଦାନ କେନ୍ଦ୍ରକୁ ନଆଣନ୍ତେ, ତେବେ ମତଦାନ ହାର ନିଶ୍ଚିତ କମ ରୁହନ୍ତା, ଏହା ନିଃସନ୍ଦେହ। ଉପରୋକ୍ତ ପରିପ୍ରେକ୍ଷୀରେ, ସାମ୍ପ୍ରତିକ ପ୍ରଚଳିତ ନିର୍ବାଚନ ପଦ୍ଧତିରେ, ଅନେକ ସଂସ୍କାରର ଆବଶ୍ୟକତା ରହିଅଛି। (୧) ସର୍ବପ୍ରଥମେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀଙ୍କ ନିମନ୍ତେ ଶିକ୍ଷାଗତ ଯୋଗ୍ୟତାକୁ ବାଧ୍ୟତା ମୂଳକ କରାଯାଉ, ଯାହା ଫଳରେ, ସେମାନେ ପ୍ରଶାସନିକ ଅଧିକାରୀଙ୍କ ଇଙ୍ଗିତରେ ପରିଚାଳିତ ନହେବାର ଦକ୍ଷତା ଅର୍ଜନ କରିପାରିବେ। ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପଦବୀରେ ନିଯୁକ୍ତି ନିମନ୍ତେ, ଅତ୍ୟଧିକ କଠିନ ପରୀକ୍ଷା ମାଧ୍ୟମରେ ଚୟନ କାର୍ଯ୍ୟ କରା ଯାଇଥାଏ। ତେଣୁ ସେପରି ଦକ୍ଷ ବ୍ୟକ୍ତି ଯାହା ଇଙ୍ଗିତରେ ଏବଂ ନିର୍ଦ୍ଦେଶରେ କାର୍ଯ୍ୟ କରିବେ, ସେହି ରାଜନୈତିକ ବ୍ୟକ୍ତି ମାନେ ମଧ୍ୟ ସେମାନଙ୍କ ଠାରୁ ଅଧିକ ଦକ୍ଷ ହେବା ଆବଶ୍ୟକ। ତେଣୁ ଦକ୍ଷତା ଚୟନ ପ୍ରକ୍ରିୟାରେ ନିର୍ବାଚନରେ ପ୍ରାର୍ଥୀ ହେବାକୁ ସୁଯୋଗ ଦଆଯିବା ଉଚିତ୍। ଡିଜିଟାଲ ଯୁଗରେ ଜଣେ ଅଶିକ୍ଷିତ ବ୍ୟକ୍ତି, ଶାସନ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ କରି ପାରିବ,ଏହା ସଂପୂର୍ଣ୍ଣ ଅସମ୍ଭବ। (୨) ଅପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତି କିମ୍ବା ଅପରାଧୀ ମାନଙ୍କୁ ପରୋକ୍ଷରେ ସାହାଯ୍ୟ କରୁଥିବା ପ୍ରମାଣିତ ବ୍ୟକ୍ତି ମାନଙ୍କୁ, ନିର୍ବାଚନରେ ପ୍ରତିଦ୍ୱନ୍ଦିତା ନକରାଇ ଦେବାର କଠୋର ବ୍ୟବସ୍ଥା କରାଯିବା ଏକାନ୍ତ ଅପରିହାର୍ଯ୍ୟ, ଯଦ୍ୱାରା ଏକ ସ୍ୱଚ୍ଛ ଭୟମୁକ୍ତ ନିର୍ବାଚନ ସମ୍ଭବ ହୋଇ ପାରିବ।(୩) ଏକ ସ୍ଥିର ସରକାର ଗଠନ ନିମନ୍ତେ, ବହୁ ଦଳୀୟ ଗଣତନ୍ତ୍ର ପରିବର୍ତ୍ତେ, ଦ୍ୱିଦଳୀୟ ଗଣତନ୍ତ୍ର ବ୍ୟବସ୍ଥା ପ୍ରବର୍ତ୍ତିତ ହେବା ଏକାନ୍ତ ଆବଶ୍ୟକ। ଯାହାଫଳରେ ମିଳିତ ସରକାର ବଦଳରେ ଏକ ସଂଖ୍ୟା ଗରିଷ୍ଠ ଦଳ ସରକାର ଗଠନ କରି ପାରିବେ ଏବଂ ସରକାରଙ୍କୁ ସଠିକ ମାର୍ଗରେ ପରିଚାଳିତ କରିବା ପାଇଁ ଏକ ଦୃଢ ବିରୋଧୀ ଦଳ ମଧ୍ୟ ଗଠିତ ହୋଇ ପାରିବ। କାମଚଳା ସରକାର, ମଧ୍ୟବର୍ତୀ କାଳୀନ ନିର୍ବାଚନ, ଅନାସ୍ଥା ପ୍ରସ୍ତାବ ଇତ୍ୟାଦି ଅସ୍ଥିରତା ତଥା ଅଯଥା ଅର୍ଥବ୍ୟୟରୁ ଦେଶ ରକ୍ଷା ପାଇ ପାରିବ।(୪) ଜଣେ ପ୍ରାର୍ଥୀ ଏକାଧିକ ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦିତା କରିବା ପ୍ରଥାକୁ ସଂପୂର୍ଣ୍ଣ ନିଷେଧ କରିବା ଆବଶ୍ୟକ। ପ୍ରାୟତଃ ଦଳୀୟ ନେତା, କାଳେ ଗୋଟିଏ ସ୍ଥାନରେ ହାରି ଯିବାର ଆଶଙ୍କାରେ ଦୁଇଟି ଯାଗାରେ ପ୍ରତିଦ୍ୱନ୍ଦିତା କରନ୍ତି। କିନ୍ତୁ ଯିଏ ଲୋକ ମାନଙ୍କର ଆସ୍ଥା ଭାଜନ ନହୋଇ ହାରିଯିବାର ଭୟ ଅଛି, ତାଙ୍କର ଦଳ ପରିଚାଳନା କରିବା ଯୋଗ୍ୟତା ଆସିଲା କୋଉଠୁ? ତାଙ୍କ ପାଇଁ ରାଜକୋଷରୁ ଅର୍ଥ ବ୍ୟୟ ବନ୍ଦ କରିବାକୁ ନିୟମ ପ୍ରଣୟନ ହେବା ଉଚିତ୍। (୫) ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ, କେତେକ ଜିତିବା ପ୍ରାର୍ଥୀଙ୍କ ନିର୍ବାଚନକୁ ବିଭିନ୍ନ କାରଣରୁ ରଦ୍ଦ କରାଯାଇଥାଏ। ନାମାଙ୍କନ ପତ୍ରରେ ତ୍ରୁଟି ବା ମିଥ୍ୟା ସ୍ୱୀକାରୋକ୍ତି ପ୍ରଦାନ ଇତ୍ୟାଦି ଦର୍ଶାଇ ବିରୋଧି ପ୍ରାର୍ଥୀ ନ୍ୟାୟାଳୟ ମାଧ୍ୟମରେ ତାଙ୍କ ନିର୍ବାଚନକୁ ରଦ୍ଦ କରାଇଥାନ୍ତି ଏବଂ ଆଉ ଏକ ଉପ ନିର୍ବାଚନ ଅନୁଷ୍ଠିତ ହୋଇଥାଏ।

ଏହା କରାଇ ଥାନ୍ତି ଏବଂ ଆଉ ଏକ ଉପ ନିର୍ବାଚନ ଅନୁଷ୍ଠିତ ହୋଇଥାଏ। ସରକାରଙ୍କୁ ଏକ ଅନାବଶ୍ୟକ ଆର୍ଥିକ ବୋଝ ବହନ କରିବାକୁ ପଡିଥାଏ। କିନ୍ତୁ ଯେଉଁ ଯାଂଚ ଅଧିକାରୀଙ୍କ ତ୍ରୁଟି ନିମନ୍ତେ, ଆଉ ଏକ ଉପନିର୍ବାଚନ ହୋଇଥାଏ, ଯଦି ସେ ନିର୍ବାଚନରେ ବ୍ୟୟ କରାଯାଉଥିବା ଅର୍ଥ, ସେହି ଅଧିକାରୀ ବହନ କରିବାର ନିୟମ କରାଯାନ୍ତା, ତେବେ ଭବିଷ୍ୟତରେ ନାମାଙ୍କନ ପତ୍ର ଯାଂଚ ଅଧିକାରୀ ମାନେ ଆଉ ତ୍ରୁଟି କରନ୍ତେ ନାହିଁ। କିମ୍ବା କୌଣସି ପ୍ରାର୍ଥୀଙ୍କ ସ୍ୱୀକାରୋକ୍ତି ମିଥ୍ୟା ପ୍ରମାଣିତ ହେଲେ, ସେମାନଙ୍କୁ ଆଉ କେବେ ନିର୍ବାଚନରେ ଭାଗ ନେବାରୁ ବଂଚିତ କରାଯାନ୍ତା, ତେବେ କେହି ମିଥ୍ୟା ସ୍ୱୀକାରୋକ୍ତି ଦାଖଲ କରନ୍ତେ ନାହିଁ ଏବଂ ଅଯଥା ଉପ ନିର୍ବାଚନ ଅନୁଷ୍ଠିତ ହୁଅନ୍ତା ନାହିଁ।(୬) ଜଣେ ପ୍ରାର୍ଥୀ ନିର୍ବାଚନରେ ଜିତିବା ପାଇଁ ଭୋଟର ମାନଙ୍କୁ ଯେତେ ଅଧିକ ଉତ୍କୋଚ ପ୍ରଦାନ କରିବ, ଜିତି ସାରିବା ପରେ ସେ ସେତିକି ଅଧିକ ଦୁର୍ନିତୀଗ୍ରସ୍ତ ହେବା ସ୍ୱାଭାବିକ୍। ତେଣୁ ନିର୍ବାଚନ ପୂର୍ବରୁ ପ୍ରାର୍ଥୀ ଓ ଭୋଟର ମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କକୁ ସଙ୍କୁଚିତ କରିବା ଉଚିତ୍। ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଯଥେଷ୍ଟ ଉନ୍ନତି ସାଧିତ ହୋଇଅଛି। ତେଣୁ ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିବା ପରେ, ଗଣ ମାଧ୍ୟମ ଜରିଆରେ, ସରକାରଙ୍କ ତରଫରୁ ପ୍ରାର୍ଥୀ ମାନଙ୍କର ଟିକିନିଖି ବିବରଣୀ ଯଥା- କେଉଁ ଦଳର ପ୍ରାର୍ଥୀ, ତାଙ୍କର ନିର୍ବାଚନ ଚିହ୍ନ, ଶିକ୍ଷାଗତ ଯୋଗ୍ୟତା, ସମ୍ପତ୍ତିର ବିବରଣୀ, ଅତୀତର କାର୍ଯ୍ୟ କୁଶଳତା ଇତ୍ୟାଦି ଭୋଟର ମାନଙ୍କ ଅବଗତି ନିମନ୍ତେ ପ୍ରସାରଣ କରାଗଲେ, ଅର୍ଥ ବଦଳରେ ଭୋଟର ମାନଙ୍କୁ ଆକର୍ଷିତ କରିବା ଅନେକାଂଶରେ କମ ହୋଇ ପାରନ୍ତା ତଥା ନିର୍ବାଚନ ବ୍ୟୟ ମଧ୍ୟ ହ୍ରାସ ପାଇ ପାରନ୍ତା।(୭) ଠିକ୍ ନିର୍ବାଚନ ପୂର୍ବରୁ ଦଳ ବଦଳ ପରି ସଂକ୍ରାମକ ବ୍ୟାଧିକୁ ନିୟନ୍ତ୍ରଣ କରିବାର ଆବଶ୍ୟକତା ଅତ୍ୟନ୍ତ ଜରୁରୀ। ଜଣେ ଗୋଟିଏ ଦଳରୁ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ନିମନ୍ତେ ଟିକେଟ ନପାଇବା ପରେ, ତତ୍‌କ୍ଷଣାତ ଅନ୍ୟ ଗୋଟିଏ ଦଳକୁ ଲମ୍ଫ ପ୍ରଦାନ କରି ଟିକେଟ ହାସଲ କରି ନିର୍ବାଚନ ଲଢିବା ଏକ ରୁଗ୍‌ଣ ବ୍ୟବସ୍ଥା। ତେଣୁ ଯେଉଁ ମାନେ ଦଳ ବଦଳ କରିବେ, ସେମାନଙ୍କୁ ଅନ୍ୟୁନ ସେହିଥର ପାଇଁ ଟିକେଟ ନଦେବାକୁ ନିୟମ ପ୍ରଣୟନ କରାଯିବା ଉଚିତ୍।(୮) ସରକାରୀ କର୍ମଚାରୀ ମାନେ ଏକ ନିର୍ଦ୍ଦିଷ୍ଟ ବୟସରେ କାର୍ଯ୍ୟ କରିବା ପାଇଁ ଅଯୋଗ୍ୟ ଘୋଷିତ ହୁଅନ୍ତି ଏବଂ ତାଙ୍କୁ କାର୍ଯ୍ୟରୁ ଅବସର ଦିଆଯାଏ। ସାଧାରଣତଃ ବୟସ ଅଧିକ ହେଲେ, ବ୍ୟକ୍ତିର ଦର୍ଶନ, ଶ୍ରବଣ, ସ୍ମରଣ ଶକ୍ତି ତଥା କାର୍ଯ୍ୟ ଦକ୍ଷତା ସବୁ ହ୍ରାସ ପାଇଥାଏ। ତେବେ ଜଣେ ରାଜନୈତିକ ବ୍ୟକ୍ତି ମୃତ୍ୟୁ ପର୍ଯ୍ୟନ୍ତ ନିର୍ବାଚନ ଲଢି ଶାସନ କାର୍ଯ୍ୟରେ ଅଂଶ ଗ୍ରହଣ କରିବା କେତେଦୂର ଯର୍ଥାଥ? ତେଣୁ ସେମାନଙ୍କ ନିମନ୍ତେ ଏକ ଅବସର ବୟସ ସୀମା ନିର୍ଦ୍ଧାରଣ ହେବା ଉଚିତ୍।(୯) ଠିକ୍ ନିର୍ବାଚନ ପୂର୍ବରୁ ବିଭିନ୍ନ ଯୋଜନା ମାଧ୍ୟମରେ, ଭୋଟର ମାନଙ୍କ ବ୍ୟାଙ୍କ ଖାତାକୁ ଅର୍ଥ ପ୍ରଦାନ ବ୍ୟବସ୍ଥା ଉପରେ ସଂପୂର୍ଣ୍ଣ ନିଷେଧାଜ୍ଞା ଜାରି ହେବା ଉଚିତ। (ଅବଶିଷ୍ଟ ପୃଷ୍ଠା ୭ରେ)

ଲୋକନାଥ ମହାପାତ୍ର

ଭାରତ ତଥା ବିଶ୍ୱକୁ ବୌଦ୍ଧଧର୍ମର ଅବଦାନ

ଗୌତମ ବୁଦ୍ଧଙ୍କ ଆବିର୍ଭାବ ସମଗ୍ର ମାନବ ଜାତିର ଇତିହାସର ଏକ ପ୍ରମୁଖ ଘଟଣା ଥିଲା କାରଣ ଗୌତମ ବୁଦ୍ଧଙ୍କ ଶୀଳ, ସଦାଚାର, ପ୍ରଜ୍ଞା, ସତ୍ୟ, ଅହିଂସା ଓ କରୁଣାର ବାଣୀ ରାଷ୍ଟ୍ର, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ପ୍ରଭାବିତ କରିପାରିଥିଲା ଏବଂ ଏହା କମ୍ ସମୟ ମଧ୍ୟରେ ଭାରତରୁ କ୍ରମେ ଥାଇଲାଣ୍ଡ, ଚୀନ, ଜାପାନ, ଇଣ୍ଡୋନେସିଆ, ମାଲେସିଆ, ଶ୍ରୀଲଙ୍କା ଆଦି ଦେଶରେ ବିସ୍ତୃତ ହୋଇ ବିଶ୍ୱର ଏକ ପ୍ରମୁଖ ଧର୍ମରେ ପରିଣତ ହୋଇଥିଲା । ବୌଦ୍ଧ ଧର୍ମ ହେଉଛି ବିଶ୍ୱର ସବୁଠାରୁ ମାନବବାଦୀ ଧର୍ମ ଯାହା ଅଶୋକଙ୍କ ଭଳି କ୍ରୁର ରାଜାଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିପାରିଥିଲା । କଳିଙ୍ଗ ଯୁଦ୍ଧର ଭୀଷଣ ରକ୍ତପାତରେ ମର୍ମାହତ ଅଶୋକଙ୍କ ଜୀବନକୁ ବୁଦ୍ଧଙ୍କ ବାଣୀ ପୁରାପୁରି ବଦଳାଇ ଦେଇଥିଲା । ଯୁଦ୍ଧ ପରେ ଅଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ ଓ ତାଙ୍କର ଅବଶିଷ୍ଟ ଜୀବନକାଳ ଶାନ୍ତି, ସୌହାର୍ଦ୍ଦ୍ୟ ଏବଂ ଜନକଲ୍ୟାଣ ପାଇଁ ଉତ୍ସର୍ଗ କରିଥିଲେ । ଫଳତଃ ସେ ଏକ କ୍ରୁର ଯୋଦ୍ଧାରୁ ବିଶ୍ୱର ଶ୍ରେଷ୍ଠ ମାନବବାଦୀ ରାଜା ଭାବରେ ବିଶ୍ୱ ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥିଲେ । କଳିଙ୍ଗ ଯୁଦ୍ଧ ପରେ ଅଶୋକ ବୌଦ୍ଧ ଧର୍ମର ଅନୁଗାମୀ ହେଲେ । ତାହାପରେ ହିମାଳୟରୁ ଶ୍ରୀଲଙ୍କା ଏବଂ ଗ୍ରୀସରୁ ବର୍ମା ପର୍ଯ୍ୟନ୍ତ ବୌଦ୍ଧ ଧର୍ମର ପ୍ରସାରରେ ସମ୍ରାଟ ଅଶୋକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏହି ଘଟଣାର ସ୍ମୃତି ସ୍ୱରୂପ ୧୯୭୦ରେ ଜାପାନ ବୁଦ୍ଧ ସଙ୍ଘ ଓ କଳିଙ୍ଗ ବୁଦ୍ଧ ସଙ୍ଘର ମିଳିତ ପ୍ରଚେଷ୍ଟାରେ ଧଉଳି ପାହାଡ଼ ଉପରେ ଏକ ଶାନ୍ତି ସ୍ତୁପ ତୋଳାଯାଇଥିଲା ଯାହା ଆଜି ବିଶ୍ୱର ଏକ ପ୍ରଧାନ ବୌଦ୍ଧ ତୀର୍ଥସ୍ଥଳୀ ରେ ପରିଗଣିତ ହୋଇଛି ।

ହିନ୍ଦୁ ଧର୍ମ ଦର୍ଶନ ଉପରେ ମଧ୍ୟ ବୌଦ୍ଧଧର୍ମର ଗଭୀର ପ୍ରଭାବ ଦେଖିବାକୁ ମିଳେ । ଉଦାହରଣ ସ୍ୱରୂପ ବୁଦ୍ଧଙ୍କ ନିର୍ବାଣ ଗୀତାରେ ମୋକ୍ଷ ରୂପେ ବର୍ଣ୍ଣିତ । ସେହିପରି ଶ୍ରୀମଦ୍ଭାଗବଦ୍ ଗୀତାରେ ଉଲ୍ଲେଖିତ ନିଷ୍କାମ କର୍ମଯୋଗ ତଥା କର୍ମଫଳ ସିଦ୍ଧାନ୍ତ ବୌଦ୍ଧଧର୍ମରୁ ଆସିଥିବାର ବିଶ୍ୱାସ କରାଯାଏ । ଶଙ୍କରାଚାର୍ଯ୍ୟ ବର୍ଣ୍ଣିତ ପୁନର୍ଜନ୍ମ ସିଦ୍ଧାନ୍ତ ମଧ୍ୟ ବୌଦ୍ଧଧର୍ମରୁ ଆନୀତ । ହିନ୍ଦୁ ଧର୍ମ ଉପରେ ବୌଦ୍ଧଧର୍ମର ଏପରି ଗଭୀର ପ୍ରଭାବ ପଡିବା ଦେଖି ପରବ ୀ ସମୟରେ ଅତ୍ୟନ୍ତ ଚତୁରତାର ସହ ବୁଦ୍ଧଙ୍କୁ ବିଷ୍ଣୁଙ୍କ ନବମ ଅବତାର ଭାବେ ନେଇ ବୌଦ୍ଧଧ

ମିନା ଅପାଙ୍କ ରାମାୟଣ ଝୁଙ୍କି (୪୬)

ପଞ୍ଚବଟୀରେ ରାକ୍ଷସଙ୍କ ବଧ

କାର୍ତ୍ତିକ ସାଇଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ପଂଚବଟୀ ଅରଣ୍ୟରେ ସୂର୍ପଣଖାର ଭାଇ ଖର ରାକ୍ଷସ ନିଜ ସୈନ୍ୟ ସାମନ୍ତଙ୍କ ସହିତ ରହୁଥିଲା । କାନ ନାକ କଟାଯାଇଥିବାରୁ ସୂର୍ପଣଖାର କଟା ସ୍ଥାନରୁ ଭୀଷଣ ରକ୍ତ ବୋହୁଥିଲା ଓ ତାକୁ ବହୁତ କଷ୍ଟ ହେଉଥିଲା । ସେ ଦୌଡ଼ି ଦୌଡ଼ି ଯାଇ ନିଜ ଭାଇ ଖର ପାଖରେ ପହଂଚିଲା ।

ଭଉଣୀର ଏ ଦୁର୍ଦ୍ଦଶା ଦେଖି ଖର ଦୈତ୍ୟ



କୋପରେ କମ୍ପିବାକୁ ଲାଗିଲା ଓ ସୂର୍ପଣଖାର ଏପରି ଅବସ୍ଥା କିଏ କଲା ବୋଲି ତାକୁ ପଚାରିଲା । ସୂର୍ପଣଖା ଜଟାଧାରୀ ରାମ , ଲକ୍ଷ୍ମଣ ଓ ସୀତାଙ୍କ କଥା କହିଲା । ସେ ଏ କଥା କହିଲା କି ରାମ ଲକ୍ଷ୍ମଣ ତାକୁ ବିନା ଦୋଷରେ ଧରି ତାର ନାକକାନ କାଟି ଦେଇଛନ୍ତି ।

ସୂର୍ପଣଖାର ଦୁଃଖ କଥା ଶୁଣି ଖର ଦୈତ୍ୟ ଭୀଷଣ ରାଗିଗଲା ଓ ସଂଗେ ସଂଗେ ତାର କିଛି ରାକ୍ଷସ ସୈନ୍ୟଙ୍କୁ ରାମ ଲକ୍ଷ୍ମଣଙ୍କୁ ବଧ କରିବାକୁ ଆଦେଶ ଦେଲେ । ସେ ସୂର୍ପଣଖାକୁ ସୈନ୍ୟଙ୍କ ସାଂଗରେ ଯିବାକୁ କହିଲା ।

ସଂଗେ ସଂଗେ ସୂର୍ପଣଖା ଖର ଦୈତ୍ୟର କିଛି ବଳବାନ ରାକ୍ଷସ ସୈନ୍ୟଙ୍କୁ ନେଇ ରାମ ଓ ଲକ୍ଷ୍ମଣ ରହୁଥିବା ଯାଗାରେ ପହଂଚିଲା । ଅସୁରୀ ସୂର୍ପଣଖା ଓ ଅସୁର ସୈନ୍ୟଙ୍କୁ ଦେଖି ରାମ ପ୍ରସ୍ତୁତ ହୋଇଗଲେ ଓ ଭ୍ରାତା ଲକ୍ଷ୍ମଣଙ୍କୁ ମା' ସୀତାଙ୍କୁ ସୁରକ୍ଷିତ ରହିବାକୁ କହିଲେ ।

ଅସୁରମାନେ ରାମଙ୍କ ଉପରେ ଆକ୍ରମଣ କରିବା ମାତ୍ରେ ସେ ତୀର ପ୍ରୟୋଗ କରି ଅସୁରମାନଙ୍କ ଶିର ଛେଦନ କଲେ । ଏହା ଦେଖି ସୂର୍ପଣଖା ଭୟରେ ଖର ଦୈତ୍ୟ ଆଗରେ ପହଂଚି ଏହି ଖବର ଦେଲା ।

ନିଜର ବଳଶାଳୀ ଅସୁରମାନଙ୍କ ମୃତ୍ୟୁ ଖବର ପାଇ ଖର ଦୈତ୍ୟ ସଂଗେ ସଂଗେ ନିଜର ସୈନ୍ୟ ସାମନ୍ତଙ୍କୁ ସାଂଗରେ ଧରି ଶ୍ରୀରାମଙ୍କ ସହତ ଯୁଦ୍ଧ କରିବାକୁ ବାହାରିଲା । ତା ସାଂଗରେ ଥିଲେ ଭୟଙ୍କର ଅସୁର ହଷଣ ଓ ତ୍ରିଶିରା ।

ଶ୍ରୀରାମ ଶ୍ରୀବିଷ୍ଣୁଙ୍କ ଅବତା ଥିଲେ । ସେ ଚାହିଁଥିଲେ ଅତି ସହଜରେ ରାକ୍ଷାସମାନଙ୍କ ବିନାଶ କରିପାରିଥାନ୍ତେ । ମାତ୍ର ମଣିଷ ଅବତାରରେ ଜନ୍ମ ହୋଇ ସେ ମଣିଷ ଧର୍ମ ପାଳନ କରିଥିଲେ । ଶ୍ରୀରାମଙ୍କ ସାମ୍ନାରେ ଖର ଦୈତ୍ୟର ରଥ ଥିଲା ଓ ସେ ଭୟଙ୍କର ଭାବରେ ଶ୍ରୀରାମଙ୍କ ଉପରକୁ ଅସ୍ତ୍ର ଶସ୍ତ୍ର ପ୍ରୟୋଗ କରୁଥିଲା । କିଛି ଶର ଶ୍ରୀରାମଙ୍କ ଶରୀରକୁ ଆଘାତ ଦେଇଥିଲା ।

ମାନବ ଶରୀରରେ ଥିବା ଭଗବାନ ଜାଣିଥିଲେ ନିଜର ସୁରକ୍ଷା କରିବାକୁ । ଅସୁରମାନଙ୍କ ଅସ୍ତ୍ରଶସ୍ତ୍ରକୁ ପରାହତ କଲେ ଶ୍ରୀରାମ । ଅତି ଅଳ୍ପ ସମୟରେ ସେ ସେଠାରେ ଥିବା ଖର ଦୈତ୍ୟର ସୈନ୍ୟମାନଙ୍କୁ ଧରାଶାୟୀ କଲେ ।

ଦୂଷଣ ରାକ୍ଷସ ବଧ: ଶ୍ରୀରାମଙ୍କ ଶରରେ ଅସୁର ସୈନ୍ୟଙ୍କ ହତ୍ୟା ହତ ଦେଖି ଖର ଦୈତ୍ୟର ସହଯୋଗୀ ଦୂଷଣ ରାକ୍ଷସ ଶ୍ରୀରାମଙ୍କ ସହିତ ଭୀଷଣ ଯୁଦ୍ଧ କଲା । ଦୂଷଣ ରାକ୍ଷାସ ବହୁତ ଭୟଙ୍କର ଥିଲା । ମାତ୍ର ଶ୍ରୀରାମଙ୍କ ଶର ଆଗରେ ତାର ଅସ୍ତ୍ରଶସ୍ତ୍ର କାମ କଲେନି । ସେ ଅଚିରେ ଶ୍ରୀରାମଙ୍କ ଦ୍ୱାରା ବଧ ହେଲା ।

ତ୍ରିଶିରା ରାକ୍ଷସ ବଧ: ଅସୁରମାନେ ଶ୍ରୀରାମଙ୍କ ସହିତ ଯୁଦ୍ଧ କରି ପରାଜିତ ହୋଇ ମୃତ୍ୟୁବରଣ କରୁଥିଲେ । ଏ ସବୁ ଦେଖି ଖର ଦୈତ୍ୟ ନିଜେ ଶ୍ରୀରାମଙ୍କ ସହିତ ଯୁଦ୍ଧ କରିବାକୁ ସ୍ଥିର କଲେ । ମାତ୍ର ତାର ଅନୁଚର ତ୍ରିଶିରା ରାମଙ୍କ ସହିତ ଯୁଦ୍ଧ କରିବାକୁ ଅଗ୍ରସର ହେଲା ।

ତିନିଶିର ବିଶିଷ୍ଟ ରାକ୍ଷସ ତ୍ରିଶିରା କେତେ ସମୟ ତିଷ୍ଠନ୍ତା ଶ୍ରୀରାମଙ୍କ ଆଗରେ । ଅତି ଅଳ୍ପ ସମୟରେ ତାର ମୃତ୍ୟୁ ହେଲା ।

ଖର ଦୈତ୍ୟ ବଧ: ଖର ଦୈତ୍ୟ ପାଖରେ କିଛି ସୈନ୍ୟ ବାକି ରହିଲେ । ସେ ସେମାନଙ୍କୁ ନେଇ ଶ୍ରୀରାମଙ୍କ ସହିତ ଯୁଦ୍ଧ ଆରମ୍ଭ କଲେ । ଖର ଦୈତ୍ୟ ଭୀଷଣ ଯୁଦ୍ଧ କଲା । ମାତ୍ର ଶ୍ରୀରାମଙ୍କ ଆଗରେ ସେ କିଛି ନଥିଲା । ଏ ପୃଥିବୀକୁ ଦୁଷ୍ଟ ଅସୁର ବିହୀନ କରିବାକୁ ଶ୍ରୀରାମଙ୍କ ଅବତାର । ତାଙ୍କର ସେ କାର୍ଯ୍ୟ ପଂଚବଟୀ ଅରଣ୍ୟରେ ଆରମ୍ଭ ହୋଇଯାଇଥିଲା ।

ଭୀଷଣ ଯୁଦ୍ଧ ପରେ ଶ୍ରୀରାମ ଖର ଦୈତ୍ୟକୁ ବଧ କଲେ ଓ ନିଜ ପର୍ଣ୍ଣ କୁଟୀରକୁ ଫେରିଗଲେ । ତାଙ୍କ ରକ୍ତାକ୍ତ ଶରୀର ଦେଖି ଲକ୍ଷ୍ମଣ ଓ ସୀତା ବ୍ୟସ୍ତ ହେଲେ ଓ ସଂଗେ ସଂଗେ କ୍ଷତିର ଉପଶମ ଲାଗି ଔଷଧ ପତ୍ରର ସେବନ କଲେ ।

ଖର ଦୈତ୍ୟ ଓ ତାର ଅନୁଚରଙ୍କ ବଧ ଖବର ରାବଣ ପାଖରେ ପହଂଚିଗଲା । ଅକମ୍ପନ ନାମକ ଏକ ଅସୁର ଜୀବିତ ଥିଲା ଓ ସେ ଲଙ୍କା ଯାଇ ଏ ଖବର ରାବଣୁ ଦେଲା ।

ମିନା ଅପା ରାମାୟଣ କଥା ଏଇଠି ରଖିଲେ ।

(କ୍ରମଶଃ)

ମୋ: ୯୯୩୮୦୩୦୦୭୫୧

କବିତା

ତୁମ ପାଇଁ

ବର୍ଷାପାଇଁ ନାନାବାୟା ଗୀତ

ନୀଳମଣି ଚାନ୍ଦ

ପାଟରେ ଖୋଜିଲି କେଶୁରଟିଏ
ସିଏ ପଚାରିଲା କହ ତୁ କିଏ
ଯା' କାଗଜ ଡଙ୍ଗା ଭସେଇ ଆ'
ଲାଗିବ ବଢ଼ିଆ ଯା' ଖୋଳି ଖା' ।

ବଣରେ ଖୋଜିଲି ମୟୂରଟିଏ
କଳାମେଘ ଦେଖି ନାଚିଲା ସିଏ
କହିଲା ଓଡ଼ିଶୀ ଦେଏରେ ନାଚି
ଦେବି ଜାମୁକୋଳି ଯାଉରେ ପାଟି ।

ହୁଙ୍କା ଆଡ଼େ ଯାଇ ଖୋଜିଲି ଛତୁ
କହିଲା ହେ ! ପିଲା ତୁ ପରା ଘତୁ
ଯା ବରଷାତି ପିନ୍ଧିକି ଆ'
ଛତୁ ଦେବି ଭଜା କରିବେ ମାଆ ।

ଖୋଜିଲି କେତେ ମୁଁ ଇନ୍ଦରଧନୁ
କହିଲା ଭୁଲି କି ଯାଇଛ ମନୁଁ
ଯା' ବିଜ୍ଞାନ ବହି ପଢିକି ଆ
ଗଢିଲେ ତୋରଣ ତୁ ଦେଖୁ ଥାଆ ।

ସାରୁବୁଦା ମୂଳେ ଖୋଜିଲି ବେଙ୍ଗ
ବସିଥିଲା ଏକା ନ ଥିଲେ ସାଙ୍ଗ
କହିଲା ନାହିଁଟି ଭଲ ମୋ ତଣ୍ଟି
ନାନାବାୟାଟିଏ ଗାଉରେ ବଣ୍ଟି ।

+୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭

ପୂଜନୀୟ ବାପା

ବାପିନି ସିଂ

ଚଳନ୍ତି ଦେବତା ବାପା ଯେ ଅଟନ୍ତି
ସବୁବେଳେ ପୂଜନୀୟ,
ତାଙ୍କରି ଗୌରବ କେ ବର୍ଣ୍ଣି ପାରିବ
ମନରେ ଆସଇ ଭୟ ।

ପରିବାରର ମୁଖ୍ୟ ତ ଅଟନ୍ତି
ସବୁ ଜଞ୍ଜାଳକୁ ସହି,
ତାଙ୍କରି ପରିକା ଆଉ କେ ଅଛି କି
ପିତାର ଗୌରବ ବହି ।

ବାପା ବୋଲି ଡ଼ାକ ବହୁତ ସୁନ୍ଦର
ଡାକିଦେଲେ ପୁଣି ଥରେ,
ମନରେ ଆନନ୍ଦ ଖୁସି ଭରିଯାଏ
ଆହା କି ମଧୁର ସ୍ୱରେ ।

ଆସ କୁନା କୁନି ବାପା ମାଆ ସେବା
କରୁଥିବା ଚିରକାଳେ,
ତାଙ୍କରି ଆଶିଷ ସଦା ଆମ୍ଭ ଠାରେ
ରହିଥିବ ସବୁବେଳେ ।

ଗଞ୍ଜାମ ଭାଷାରେ ନନା ବୋଲି ଡାକ
ବହୁତ ସୁନ୍ଦର ଲାଗେ,
ବାପାଙ୍କ ଗୌରବ ସଦା ରଖିଥିବା
ଚାଲିବା ସଠିକ୍ ମାର୍ଗେ ।

ଯାନି ଯାତରାର ସମୟ କଥା
ମନେ ପଡ଼ଇ ସତେ,
କାନ୍ଧରେ ବସେଇ ନାଟକ ଦେଖାନ୍ତି
ଖୁସି ଭରିଯାଏ ଚିତେ ।

ବା ବା ବୋଲି ଉଚ୍ଚାରଣ କରେ
ଯେବେ କୁନିଟିଏ ଥିଲି,
ବା ଶବଦରେ ପା ମିଶିଯାଏ
ବାପା ବୋଲି ଡାକିଦେଲି ।

ସରଗଠୁ ବଡ଼ ସଦା ସବୁବେଳେ
ତାଙ୍କ ପରି କେହି ନାହିଁ,
ହୃଦୟ ତାଙ୍କର ଏତେ ଯେ ଗଭୀର
ସବୁ କଷ୍ଟକୁ ନିଅନ୍ତି ସହି ।

ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ , ବାଲେଶ୍ୱର
(ମୋ) ୯୯୩୭୮୨୦୮୩୧

ବିଲେଇ ନାନୀର ଜର

ତପନ ସାହୁ

ମନ ମାରିକି ବିଲେଇ ନାନୀ
ବସିଛି କବାଟ କୋଣେ,
ଥଣ୍ଡା ଜରରେ ଦେହ ଥରୁଛି
ତା କଥା କିଏ ବା ଶୁଣେ ।

ଦୁଇ ଦିନ ହେଲା କିଛି ଖାଇନି
ଦେହ ହେଲାଣି ଦୁର୍ବଳ,
କୋଉଠୁ ଥିଲା ଆସିଲା ଜର
କଷ୍ଟ ହେଉଛି ପ୍ରବଳ ।

ମୂଷା ଚାଚା ପାଖେ ବିଲେଇ ଯାଇ
ମାଗିଲା ଦିଅ ଚୂର୍ଣ୍ଣ,
ଖାଇକି ଚୂର୍ଣ୍ଣ ହେଇ ଯାଏ ମୁଁ
ବେଗି ସୁସ୍ଥ ସମ୍ପୂର୍ଣ୍ଣ ।

ମୂଷା କହିଲା ବିଲେଇ ନାନୀ
କହିବି ଗୋଟେ କଥା,
ଚୂର୍ଣ୍ଣରେ ତୋର ଭଲ ହବନି
ଥଣ୍ଡା ଜର ବ୍ୟଥା ।

ମୂଷା ମାରିକି ଖାଇବା ଯଦି
ମୂଳରୁ ଦବ ଛାଡ଼ି,
ଜ୍ୱର, ଥଣ୍ଡା ଆଉ ଅନେକ ରୋଗ
ଦେହରୁ ଯିବେ ଛାଡ଼ି ।

ସ୍ୱାସ୍ଥ୍ୟଠୁ ବଡ଼ ନୁହଁଇ କିଛି
ଆଜି ପାରିଲି ଜାଣି,
ମୂଷା ଖାଇବା ଦେବି ମୁଁ ଛାଡ଼ି
ପ୍ରମିସ୍ କଲି ଏ କ୍ଷଣି ।

ବେଲଗାଁ, ଏମ୍ ରାମପୁର
କଳାହାଣ୍ଡି, ମୋ.୯୦୧୯୩୧୧୮୬୮

ଧାରାବାହିକ ଉପନ୍ୟାସ

ଭାଗ-୧

ଗପ ହେଲେ ବି ସତ

ରାମଚନ୍ଦ୍ର ସେଠୀ

ଆମ ଘରଠାରୁ ପଶ୍ଚିମକୁ ପ୍ରାୟ ଚାରି କିଲୋମିଟର ଦୂରରେ ପଡ଼େ ପ୍ରତାପ ଗାଆଁ । ଖୋର୍ଦ୍ଧା ଜିଲ୍ଲାର ଶେଷ ଗାଆଁ ସିଏ । ସେଇଠୁ ପଶ୍ଚିମକୁ ଲମ୍ବିଯାଇଛି ଭୟଙ୍କର ଅନ୍ଧାରିଆ ଜଂଗଲ । ବାଘ, ଭାଲୁ ମାଳମାଳ, ହରିଣ ସମ୍ବର ଇତ୍ୟାଦି ପଲପଲ, ଚଢ଼େଇ ଚିରୁଗୁଣୀ ଅଗଣିତ ଆଉ ଅସୁମାରସାପସୁପାଙ୍କ କଥା ନକହିବା ଭଲ ।

ସେଇ ଜଂଗଲ ପ୍ରାୟ ଚାଳିଶି କିଲୋମିଟର ଓସାର ଓ ଗଂଜାମ ଜିଲ୍ଲାରୁ ଆରମ୍ଭ ହୋଇ ଖୋର୍ଦ୍ଧା ଜିଲ୍ଲା ଟପି ନୟାଗଡ଼ ଜିଲ୍ଲା ପର୍ଯ୍ୟନ୍ତ ପ୍ରାୟ ଶହେ କିଲୋମିଟର ଲମ୍ବ । ବହୁତ ଖାଲଖମା ଓ ନଈନାଳ ଭର୍ତ୍ତି । ଅନ୍ଧାର ଓ ନିଶବ୍ଦ ।

ସେ ଭିତରେ ଏସିଆ ମହାଦେଶର ସବୁଠାରୁ ମୂଲ୍ୟବାନ ଓ ବିରାଟ ସାଗୁଆନ ଜଂଗଲ ଦେଖାଯାଏ । ତା ନାଆଁ ବରବରା । ପୂର୍ବେ ଏହାର ନାମ ଥିଲା ବର୍ବର ଜଙ୍ଗଲ । କାଳକ୍ରମେ ନାଆଁଟା ଅପଭ୍ରଷ୍ଟ ହେଉ ବର୍ବରା ଓ ଶେଷକକୁ ବରାବରା ହେଇଗଲା । ବରବରା ଜଂଗଲର କ୍ଷେତ୍ରଫଳ ପ୍ରାୟ ୨୩୯ ବର୍ଗ କିଲୋମିଟର । ସେ ଭିତରେ ଅଛି ରାଜନୀ, ଢ଼ାମଣା, କଟୁଆଳ, ବଙ୍କାଡ଼ ଓ ଅରାଙ୍ଗ ପରି ପାଂଚଟି ସଂରକ୍ଷିତ ଜଂଗଲ । ଆଉ ତାକୁ ଘେରି ରହିଥିବା ପ୍ରାୟ ଦଶଟିରୁ ଅଧିକ ଜଂଗଲ ଅସଂରକ୍ଷିତ । ଚାରିପାଖେ ବୁଦୁବୁଦିଆ ବଣ ।

ମହାବଳ ବାଘର ଗର୍ଜନରେ ଦିନେ ଆମ ମାଟିଘରର କାନ୍ଥବାଡ଼ ଦୋହଲି ଉଠୁଥିଲା । ବେଳ ବୁଡ଼ିଗଲେ ଭାଲୁଙ୍କର ଘାଡୁ ଘାଡୁ ଶବ୍ଦରେ ଆମେ ଶୋଇପାରୁନଥିଲୁ । ଦାଣ୍ଡ ଦୁଆର ଖୋଲିଲେ ଆମେ ଦେଖୁଥିଲୁ ଗୋଠ ଗୋଠ ବାରହା । ବାଡ଼ି ଦୁଆର ଖୋଲିଲେ ଦେଖୁଥିଲୁ ଗୋଠଗୋଠ ଭାଲୁ, ବିଲୁଆ, ଗଧୁଆ, ବଣଭୁଆ, ଠେକୁଆ, ସାରିଆପତନି ବାରହା, ନେଉଳ, ଆଉ ସାପସୁପା ଗୋଠ ଗୋଠ । ଇଏ ମୋ ମାଟ୍ରିକ ପଢ଼ିବା ସମୟର କଥା । ଆମ ଗାଆଁରେ ସେତେବେଳେ ବହୁତ ଲୋକ ନଥିଲେ ମଧ୍ୟ ଘରପାଖରେ ଥାଏ ବାଣପୁର ବନ ବିଦ୍ୟାଳୟ । ଏବେ ଯାହାର ନାମ ଗୋଦାବରୀଶ ବିଦ୍ୟାପୀଠ ।

ମୁଁ ବଣକୁ ଆଉ ବଣର ଜୀବଜନ୍ତୁଙ୍କୁ ଦେଖିବାକୁ ଖୁବ୍ ଭଲ ପାଉଥିଲି ପିଲାଦିନେ । ନଈନାଳ, ତୋଟାମାଳ, ଯେଉଁଠି ନିରବତା ସେଇଠି ମୁଁ । ଏବେ ମୁଁ ସିନା ବୁଢ଼ା, ହେଲେ ମୋ ସ୍କୁଲ କ୍ୟାରିଅରରେ ମୁଁ ଅଧିକାଂଶ ସମୟ କାଟୁଥିଲି ବାଘଙ୍କ ଜଂଗଲରେ । ବହୁତ ମାଡ଼ ଖାଉଥିଲି ବାପା ଭାଇଙ୍କ ହାତରୁ । ତଥାପି ଧାଉଁଥିଲି ବଣକୁ ।

ମୋ ଅଷ୍ଟମ ଶ୍ରେଣୀ ସମୟର କଥା । ମୋ ବୋଉ ଆଉ ମୁଁ ବସିଥାଉ ଆମ ବାଡ଼ି ପିଣ୍ଡାପାଖରେ । ବୋଉ ଗୋଟେ ବେଂଚ ଉପରେ ବସି ମୁଣ୍ଡ କୁଣ୍ଡାଉଥାଏ । ଆଉ ମୁଁ ସେଇଠି ବସି ବେଂଚକୁ ପିଟିପିଟି ବାଇଦ ବଜାଉଥାଏ । ଆମର, ଆମ ପଛପଟକୁ ନଜର ନଥାଏ । ଆମଠାରୁ ଆମ ପଛକୁ ପ୍ରାୟ କୋଡ଼ିଏ ହାତ ଦୂରରେ ହଠାତ୍ ଗୋଟେ ବାଘ ଗୋଟେ ଗାଈକୁ ମାଡ଼ି ବସିଲା । ବାଘର ଗାଉଁଗାଉଁ ଆଉ ଗାଈଟାର ଗଅଁ ଗଅଁ ଶବ୍ଦରେ ଆମେ ଚମକି ଯାଇ ପଛକୁ ଅନେଇଲୁ ଆଉ ଧାଇଁ ଧାଇଁ ଆସି ଘରେ ପଶି ଦୁଆରଟା ଧଡ଼ୋକିନା ବନ୍ଦ କରିଦେଲୁ ।

ଦୁନିଆଁ ଆଖିରେ ସ୍ୱର୍ଗତ ପଣ୍ଡିତ ଗୋଦାବରୀଶ ମିଶ୍ର ବହୁତ ଗରୀବ ଥିଲେ । ସିଏ ତାଙ୍କର ଚାଳଛପର ଘରେ ବାସ କରୁଥିବାରୁ ଦୁନିଆଁ ତାଙ୍କୁ ଗରିବ ବୋଲି କହୁଥିଲା । ମାତ୍ର ସିଏ ଶିକ୍ଷାମନ୍ତ୍ରୀ ଥିଲାବେଳେ ଜଂଗଲ ଭିତରେ ତାଙ୍କର ଦୁଇଶହ ଏକର ଶାଗୁଆନ ଜଂଗଲ ଥିଲା । ପ୍ରାୟ ପନ୍ଦର ଏକର ଜମିରେ ଏକ ବିରାଟ ବଗିଚା ଥିଲା । ଦେଶ ବିଦେଶର ବିଭିନ୍ନ ପ୍ରକାର ଫଳଗଛରେ ସେ ବଗିଚା ପୂର୍ଣ୍ଣ ଥିଲା । (କ୍ରମଶଃ)

+ ହାତୀମୁଣ୍ଡା, ବାଣୀପୁର, ଖୋର୍ଦ୍ଧା

ରଙ୍ଗ ବଦଳାଏ ଗୁଣ୍ଡୁଚିମୂଷା

ନଗେନ୍ଦ୍ର ନାଥ ପଟ୍ଟନାୟକ

ଈଶ୍ୱର ଏ ସଂସାରକୁ ସୃଷ୍ଟି କରିସାରିବା ବେଳେ ତାଙ୍କ ଅତି ଆପଣାର ଗୁଣ୍ଡୁଚିମୁଷାକୁ ପାଖକୁ ଡକାଇ ସ୍ନେହ ଆଦରରେ ଆଉଁସି ପକାଇଲେ ଓ କହିଲେ -ମୁଁ ତତେ ଏ ଅମୂଲ୍ୟ ଭେଟିଟି ଦେଉଛି । ତୁ ଏଇ ବହୁମୂଲ୍ୟ ଉପହାରଟିକୁ ପ୍ରତ୍ୟେକ ବ୍ୟକ୍ତି ପାଖରେ ପହଁଚାଇ ଦେବୁ । ସିଧା ଲୋକଙ୍କ ନିକଟକୁ ଯିବୁ ଆଉ ସେମାନଙ୍କୁ ଏ ଉପହାରଟ ଦେବୁ ।

ପ୍ରଭୁଭକ୍ତ ଗୁଣ୍ଡୁଚିମୂଷା ସେଇୟା ହିଁ କଲା । ସଙ୍ଗେ ସଙ୍ଗେ ସେ ଉପହାରଟି ଘେନି ବାହାରିଗଲା । ବାଟରେ ଗୋଟେ ନଈ ପଡିଲା । ସେ ନଈରେ କାଚକେନ୍ଦୁ ଭଳି ପାଣି । ସେଇଠି ଅଟକିଗଲା ପାଣି ମୁନ୍ଦେ ପିଇବାକୁ । ସେଇଠେ ସାପଟିଏ ବି ପାଣି ପିଉଥିଲା । ସେ ଗୁଣ୍ଡୁଚିମୂଷାକୁ ପଚାରିଲା -ତୁ କାଇଁକି କୁଆଡେ ଯାଉଛୁ ? ଗୁଣ୍ଡୁଚିମୂଷା ଯେତେବେଳେ ତାକୁ କହିଲା ସବୁ ମଣିଷ ପାଇଁ ଉପହାର ନେଇକି ଯାଉଛି ସାପ ଈର୍ଷାରେ ଜଳିଉଠିଲା । ମନୁଷ୍ୟକୁ ବି ଖୁବ୍ ଘୃଣା କରୁଥାଏ ସାପଟି । କାରଣ ବେଳେବେଳେ ମଣିଷ ସାପକୁ ଶିକାର କରିଥାଏ । କିନ୍ତୁ ଗୁଣ୍ଡୁଚିମୂଷା ତା କଥାକୁ ନାପସନ୍ଦ କଲା । କାହିଁକି ନା ଈଶ୍ୱର ମଣିଷକୁ ବହୁତ ମନେପକାନ୍ତି । କୁଟିଳ କପଟିଆ ସ୍ୱଭାବର ସାପ ଗୁଣ୍ଡୁଚିମୂଷାକୁ ନିମନ୍ତ୍ରଣ କଲା ତା ଘରେ ଭୋଜନ କରିବା ପାଇଁ । ସେତେବେଳକୁ ଗୁଣ୍ଡୁଚିମୂଷା ଖୁବ୍ ହାଲିଆ ହୋଇଯାଇଥିଲା । ତେଣୁ ସେ ସାପର ପ୍ରସ୍ତାବରେ ରାଜିହେଲା ।

ସାପଘରେ ସୁଆଦିଆ ଭୋଜନ କରି ସାରିବା ପରେ ଗୁଣ୍ଡୁଚିମୂଷାର ଆଖିପତା ନିଦରେ ବୁଜି ହୋଇଆସିଲା । ବିଚରା ସେ ସେଇଠି ନିଦ ମାଉସୀ କୋଳରେ ଶୋଇପଡିଲା । ସେୟା ସାପ ବି ଚାହୁଁଥିଲା । ଯେତେବେଳେ ନିଦରେ ଶୋଇପଡିଥିବା ଗୁଣ୍ଡିଚିମୂଷାର ନିଦ ଚାଉଁକିନା ଭାଙ୍ଗିଗଲା ସେ ତା ଜୁଲୁଜୁଲୁ ଆଖି ଯୋଡିକରେ ଦେଖିଲା ଈଶ୍ୱର ପ୍ରଦାନ କରିଥିବା ଉପହାରଟି ଗାଏବ ହୋଇଯାଇଛି । ଏଥର ଗୁଣ୍ଡୁଚିମୂଷା ବୁଝିଗଲା ସାପ ତା ସହ ଧୋକାବାଜି କରିଛି । ନିଜର ବୋକାମି ପାଇଁ ସେ ଖୁବ୍ ଅନୁତାପ କଲା । ଏବେ ସେ କେମିତି ଈଶ୍ୱରଙ୍କୁ ମୁହଁ ଦେଖେଇବ ବୋଲି ଭାବୁଥିଲା ।

ନିଜର ଭୁଲପାଇଁ ପଶ୍ଚାତାପ କରୁଥିବା ଗୁଣ୍ଡିଚିମୂଷା ଏକ ଝଙ୍କାଳିଆ ଗଛ ଡାଳରେ ଛପିରହିଲା । ଆଉ ନିଜର ରଙ୍ଗ ବଦଳେଇ ଗଛର ଶାଗୁଆ ରଙ୍ଗ ଧାରଣା କଲା । ଏ ଘଟଣା ପରଠୁ ଆଜିଯାଏ ଗୁଣ୍ଡୁଚିମୂଷା ନିଜର ରଙ୍ଗ ବଦଳାଇ ଲୁଚିରହୁଛି ।

+୯୯୯-୩,ଜଗମୋହନ ନଗର,ଜାଗମରା,ଖଣ୍ଡଗିରି
ଭୁବନେଶ୍ୱର, ମୋ-୯୪୩୮୩୩୨୧୩୮

ଶିକ୍ଷାକ୍ଷେତ୍ରରେ କେନ୍ଦୁଝର ଜିଲ୍ଲାକୁ ଅଗ୍ରଣୀ ଜିଲ୍ଲାରେ ପରିଣତ କରାଯିବ : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୨୪/୦୬ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୁରୁବାର ପୂର୍ବାହ୍ନରେ କେନ୍ଦୁଝର ଜିଲ୍ଲା ପରିଦର୍ଶନରେ ଯାଇ ଡି.ଏନ୍. ହାଇସ୍କୁଲର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେଉଥିବା ଜିଲ୍ଲା ପ୍ରଧାନ ଶିକ୍ଷକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ଶିକ୍ଷାକ୍ଷେତ୍ରରେ କେନ୍ଦୁଝର ଜିଲ୍ଲାକୁ ଅଗ୍ରଣୀ ଜିଲ୍ଲାରେ ପରିଣତ କରାଯିବ ବୋଲି ଉଲ୍ଲେଖ କରି ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ୫-'ଟି' ହାଇସ୍କୁଲଗୁଡ଼ିକର ରୂପାନ୍ତରୀକରଣ, ମଧ୍ୟାହ୍ନ ଭୋଜନ, ବୃତିଯୋଜନା, ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକର କାର୍ଯ୍ୟକ୍ଷମ, ମାଗଣା ପୁସ୍ତକ ଯୋଗାଣ ଦ୍ୱାରା ଛାତ୍ରଛାତ୍ରୀମାନେ ଉପକୃତ ହେଉଛନ୍ତି । ଏହା ଦ୍ୱାରା ରାଜ୍ୟରେ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ ବୋଲି ସେ ପ୍ରକାଶ କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଆଶିଷ ଥାକ୍ରେ ମନ୍ତ୍ରୀ ଶ୍ରୀ ଦାଶଙ୍କୁ ଜିଲ୍ଲାରେ ଶିକ୍ଷା କାର୍ଯ୍ୟକ୍ରମ ବାବଦରେ ଅବଗତ କରାଇଥିଲେ । ମନ୍ତ୍ରୀ ଶ୍ରୀ ଦାଶ କେନ୍ଦୁଝର ଜିଲ୍ଲାର ଲକ୍ଷ୍ମୀନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ରାମଚନ୍ଦ୍ରପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗସ୍ତ କରି ସ୍କୁଲରେ ପାଠପଢ଼ା ଓ ବିଦ୍ୟାଳୟର ଆନୁଷଙ୍ଗିକ ଭିତିଭୂମି ସଂପର୍କରେ ପଚାରି ବୁଝିଥିଲେ । ମନ୍ତ୍ରୀ ଶ୍ରୀ ଦାଶ ଛାତ୍ରଛାତ୍ରୀ ପରିବହନ କରୁଥିବା ସ୍କୁଲ ବସ୍ କୁ ଯାଂଚ ମଧ୍ୟ କରିଥିଲେ । ଏହି ସମୀକ୍ଷା ବୈଠକରେ ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ଚକ୍ଷୁଆର ବିଧାୟିକା ମିନାକ୍ଷୀ ମହନ୍ତ, ପାଟଣା ବିଧାୟକ ଭାଗୀରଥି ସେଠୀ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ ସମେତ ଜିଲ୍ଲାର ବରିଷ୍ଠ ପଦାଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

୧୬୭ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ

ଭୁବନେଶ୍ୱର,୨୪/୦୬ (ନି.ପ୍ର): ଅର୍ଥଯୋଗାଣ ଏବଂ ବ୍ୟାଙ୍କ ଋଣ ପ୍ରଦାନ କ୍ଷେତ୍ରରେ ସରକାରୀ ଓ ବେସରକାରୀ ପୁଞ୍ଜିନିବେଶର ମିଳିତ ସହାୟତା ମାଧ୍ୟମରେ ଅର୍ଥନୀତିର ନିରନ୍ତର ବିକାଶ ଘଟିଥାଏ । ପୁଞ୍ଜିନିବେଶ ଉଦ୍ଦେଶ୍ୟରେ ଅନୁକୂଳ ପରିବେଶ ନିର୍ମାଣ ସହିତ ଋଣ ପାଇଁ ଚାହିଦା ସୃଷ୍ଟି ନିମନ୍ତେ ଆମ ସରକାର ସର୍ବଦା ଉଦ୍ୟମ କରୁଥିବାବେଳେ ବ୍ୟାଙ୍କଗୁଡ଼ିକ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଋଣ ପ୍ରଦାନ ପରିମାଣ ବୃଦ୍ଧି କରନ୍ତୁ ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଗୁରୁବାର ଅନୁଷ୍ଠିତ ୧୬୭ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ଗତ କେତେବର୍ଷ ମଧ୍ୟରେ ଓଡ଼ିଶା ଦ୍ରୁତ ଆର୍ଥିକ ଅଭିବୃଦ୍ଧି ଦିଗକୁ ଅଗ୍ରସର ହୋଇଛି । ସମଗ୍ର ଦେଶରେ ଓଡ଼ିଶା ବିତୀୟ ପରିଚାଳନା ଓ ଉତମ ଶାସନ ପାଇଁ ନିଜର ପରିଚୟ ସୃଷ୍ଟି କରିପାରିଛି । ବାର୍ଷିକ ଋଣ ଯୋଜନା କ୍ଷେତ୍ରରେ ଶିକ୍ଷା ଏବଂ ଗୃହନିର୍ମାଣକୁ ଅଗ୍ରାଧିକାର ଦେଇ ବ୍ୟାଙ୍କଗୁଡ଼ିକ ଋଣ ପ୍ରଦାନ କରିବାର ଆବଶ୍ୟକତା ରହିଛି । ମନ୍ତ୍ରୀ ଶ୍ରୀ ପୂଜାରୀ ପୁଣି କହିଛନ୍ତି ଯେ ଅଗ୍ରାଧିକାର ପ୍ରଦାନ କରାଯାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍ଜି)ମାନଙ୍କୁ ଆଗାମୀ ୫ ବର୍ଷରେ ୫୦ ହଜାର କୋଟି ଟଙ୍କାର ଋଣ ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ୨୦୨୨-୨୩ ଆର୍ଥିକ ବର୍ଷରେ ୫-'ଟି' ଆଧାରରେ ମହିଳା ଏସ୍ଏଚ୍ଜିଙ୍କ ନିମନ୍ତେ ଥିବା ଋଣର ପରିମାଣକୁ ୪ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବ । ଆର୍ଥିକ ଅନ୍ତର୍ଭୁକ୍ତିକରଣ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ଥିବାବେଳେ ସବୁ ଅଂଚଳରେ ବ୍ୟାଙ୍କି ସୁବିଧା ଉପଲବ୍ଧ ନଥିବାରୁ କିଛି ଲୋକ ସାଧାରଣ ବ୍ୟାଙ୍କିଂ ସୁବିଧାରୁ ବଂଚିତ ହେଉଛନ୍ତି ବୋଲି ଦର୍ଶାଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ରାଜ୍ୟରେ ୨୭୩୮ ଗ୍ରାମ ପଞ୍ଚାୟତରେ ୫୬୦୭ ସ୍ଥାୟୀ ବ୍ୟାଙ୍କ ରହିଛି ଏବଂ ଏହା ସମୁଦାୟ ଗ୍ରାମ ପଞ୍ଚାୟତର ୪୦ ପ୍ରତିଶତ । ଅବଶିଷ୍ଟ ୬୦ ପ୍ରତିଶତ ଗ୍ରାମ ପଂଚାୟତରେ ସ୍ଥାୟୀ ବ୍ୟାଙ୍କ ଶାଖା ପାଇଁ ବ୍ୟାଙ୍କମାନେ ପଦକ୍ଷେପ ନେବା ଆବଶ୍ୟକ । ଗ୍ରାମାଂଚଳ ଅର୍ଥନୀତିରେ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ଇତି ମଧ୍ୟରେ ସର୍ବୋତ୍କୃଷ୍ଟ ସେବାପ୍ରଦାନକାରୀ ବ୍ୟାଙ୍କଗୁଡ଼ିକୁ ପୁରସ୍କୃତ କରିଛନ୍ତି । ଆଗାମୀ ଦିନରେ ଏହି ସମ୍ମାନାସ୍ପଦ ପୁରସ୍କାର ପାଇଁ ବ୍ୟାଙ୍କଗୁଡ଼ିକ କାର୍ଯ୍ୟ କରନ୍ତୁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ । ୨୦୨୨-୨୩ ଅର୍ଥିକ ବର୍ଷରେ ଅଗ୍ରାଧିକାର କ୍ଷେତ୍ରଗୁଡ଼ିକ ପାଇଁ ରାଜ୍ୟ ସରକାର୧.୩୪ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ ପାଇଁ ଲକ୍ଷ୍ୟ ରଖିଛନ୍ତି । ବ୍ୟାଙ୍କଗୁଡ଼ିକ ଜିଲ୍ଲା ପ୍ରଶାସନ ମାଧ୍ୟମରେ ଲକ୍ଷ୍ୟ ହାସଲ ପାଇଁ ଉପଯୁକ୍ତ ପଦକ୍ଷେପ ନେବେବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଆଶା ପ୍ରକାଶ କରିଥିଲେ । କୃଷି, ଉଦ୍ୟୋଗ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆର୍ଥିକ ବିକାଶ ଏବଂ ରାଜ୍ୟର ପ୍ରଗତି ପାଇଁ ବ୍ୟାଙ୍କଗୁଡ଼ିକର ସମୟୋଚିତ ଋଣ ପ୍ରଦାନ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଛନ୍ତି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଏସ୍ଏଲ୍ବିସିର ଅଧ୍ୟକ୍ଷ ତଥା ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ସୋମା ଶଙ୍କର ପ୍ରସାଦ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ଏଚ୍.ଏନ୍. ପଣ୍ଡା, ନାବାର୍ଡ, ଭୁବନେଶ୍ୱରର ସିଜିଏମ ସି. ଉଦୟଭାସ୍କର, ଏସ୍ବିଆଇ, ଭୁବନେଶ୍ୱରର ସିଜିଏମ୍ ଚନ୍ଦ୍ର ଶେଖର ଶର୍ମା, ଏସ୍ଏଲ୍ବିସିର ଆବାହକ ଅରୂପାନନ୍ଦ ଜେନା, କୃଷି ଉତ୍ପାଦ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଂଜୀବ ଚୋପ୍ରା, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଆର ରଘୁପ୍ରସାଦ, ଏମ୍ଏସ୍ଏମ୍ଇର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା, ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ସୁଜାତା ଆର. କାର୍ତିକେୟନ୍ ପ୍ରମୁଖ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

ଓ-ହବ୍ ଠାରେ ଐକ୍ୟମ୍-ଇନ୍କ୍ୟୁବେଟର୍ସ ସମ୍ମିଳନୀ ଆୟୋଜିତ

ଭୁବନେଶ୍ୱର,୨୪/୦୬ (ନି.ପ୍ର): ଓ-ହବ୍ ଠାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଅଧୀନସ୍ଥ ଷ୍ଟାର୍ଟଅପ୍ -ଓଡ଼ିଶା ଦ୍ୱାରା ଇନ୍କ୍ୟୁବେଟର୍ସଗୁଡ଼ିକୁ ନେଇ ଏକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏଥିରେ ବିଶେଷ ଭାବେ ଷ୍ଟାର୍ଟଅପ୍ ଚିଠା ନୀତି ଉପରେ ଅଧିକ ଆଲୋଚନା କରାଯାଇଥିଲା । ଷ୍ଟାର୍ଟଅପ୍-ଓଡ଼ିଶାର ନିର୍ବାହୀ ଅଧ୍ୟକ୍ଷ ଡ. ଓମ୍କାର ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଷ୍ଟାର୍ଟଅପ୍-ଓଡ଼ିଶାର ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ଶାଦ୍ଦିକ୍ ଆଲାମ୍, ଇଭାନ୍ଜେଲିଷ୍ଟ ଡ. ସଂଯୁକ୍ତା ବଡ଼ାଇଙ୍କ ସମେତ ୧୯ଟି ଇନ୍କ୍ୟୁବେଟର ଯୋଗଦେଇଥିଲେ । ଏହି ସମ୍ମିଳନୀରେ ଷ୍ଟାର୍ଟଅପ୍ ଯାତ୍ରା ୨.୦ ଉପରେ ପୂର୍ବ ଅଭିଜ୍ଞତାକୁ ଆଧାର କରି ଆଲୋଚନା ପର୍ଯ୍ୟାଲୋଚନା କରାଯାଇ କେତେକ ଗୁରୁତ୍ୱପୂର୍ଣ୍ଣ ଓ ସମୟୋପଯୋଗୀ ନିଷ୍ପତି ଗ୍ରହଣ କରାଯାଇଥିଲା । ରାଜ୍ୟକୁ ୨୦୨୫ ସୁଦ୍ଧା ସର୍ବୋତ୍ତମ ଷ୍ଟାର୍ଟଅପ୍ ହବ୍ ଭାବେ ପରିଣତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେ ଦିଗରେ ସଫଳତା ପାଇବା ସକାଶେ ସୁସ୍ଥ ଷ୍ଟାର୍ଟଅପ୍ ପରିମଣ୍ଡଳର ସୃଷ୍ଟି, ଆର୍ଥିକ ଋଣ ପ୍ରଦାନ, ପ୍ରୋତ୍ସାହନ, ତଦାରଖ, ବଜାର ସୃଷ୍ଟି ଭଳି କାର୍ଯ୍ୟକ୍ରମଗୁଡ଼ିକୁ ସଠିକ୍ ଭାବେ ସଂଚାଳନ କରାଯାଉଛି । ଇନ୍କ୍ୟୁବେଟରମାନଙ୍କୁ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ସାଧନ ଦିଗରେ ସଚେତନ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ଏହି ସମ୍ମିଳନୀରେ କୃଷି କଳିଙ୍ଗ ଇନୋଭେସନ୍ କାଉନ୍ସିଲ୍, ଡିବିଟି-ଆଇଏଲ୍ଏସ୍, ସୁଇଚ୍ଟେକ୍ ଇନ୍କ୍ୟୁବେଟର ଫାଉଣ୍ଡେସନ୍, ଏସିଆଇସି-ଜିଆଇଇଟି ୟୁନିଭର୍ସିଟି ଫାଉଣ୍ଡେସନ୍, ଏନ୍ଆର ଆରଆଇ- ଏବିଆଇ, ଇନ୍ଟେକ୍, ଏଆଇସି- ସିଭି ରମଣ କଲେଜ ଅଫ୍ ଇଂଜିନିୟରିଂ ଫାଉଣ୍ଡେସନ୍, ଏସ୍ଏଆରପି, ଏଆଇସି-ନାଳନ୍ଦା ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଫାଉଣ୍ଡେସନ୍, ଆଇଏମ୍ଆଇ ଏନ୍କ୍ୟୁବେସନ୍ ଫାଉଣ୍ଡେସନ୍, ଆଇଏଚ୍ୟୁବିଆଇଏନ୍ସି, ସିଟିଟିସି, ସୃଷ୍ଟି ଏକାଡେମୀ ଡେଭ୍ଲପ୍ମେଂଟ ଫାଉଣ୍ଡେସନ୍, ଏସ୍ଏସ୍ୟୁ ଇନୋଭେସନ୍, ଆଇଏଚ୍ଏମ୍, ଗ୍ରାମ ତରଙ୍ଗ ଏମ୍ପ୍ଲୟେବିଲିଟି ଟ୍ରେନିଂ ସର୍ଭିସେସ୍, ଆଇଆଇଟି ଭୁବନେଶ୍ୱର, ଇଲେକ୍ଟ୍ରୋପ୍ରିନ୍ୟୁଅର ପାର୍କ ଏବଂ କିଟ୍ ଟିବିଆଇ ପ୍ରମୁଖ ସଂସ୍ଥା ଯୋଗଦେଇଥିଲେ ।

'ରାଲି ଅଫ୍ ଚମ୍ବା-୨୦୨୨'ରେ ଓଡ଼ିଆ ପୁଅ ବୈଭବଙ୍କ କମାଲ୍: ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ

ଭୁବନେଶ୍ୱର ,୨୪/୦୬ (ନି.ପ୍ର): ହିମାଚଳ ପ୍ରଦେଶ ପର୍ଯ୍ୟଟନ ବିଭାଗ ପକ୍ଷରୁ ଚମ୍ବା ଠାରେ ଆୟୋଜିତ ଆଡ୍ଭେଞ୍ଚର କାର ରେସର 'ରାଲି ଅଫ୍ ଚମ୍ବା-୨୦୨୨'ରେ ଓଡ଼ିଆ ପୁଅ ବୈଭବ ଚୌଧୁରୀ କମାଲ୍ ଦେଖାଇଛନ୍ତି । ଓଡ଼ିଶାରୁ ଭାଗ ନେଇଥିବା ପ୍ରତିଯୋଗୀଙ୍କ ଭିତରେ ଶ୍ରେଷ୍ଠ ଡ୍ରାଇଭର ଭାବେ ସମ୍ମାନିତ ହୋଇଥିବା ବେଳେ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି । ହିମାଚଳ ପ୍ରଦେଶ ଠାରେ ଆୟୋଜିତ ଏହି କାର ରେସ୍ରେ ଥାର୍ଡ କାଟେଗୋରିରେ ଯୋଗ ଦେଇଥିଲେ ବୈଭବ । ମାଇନସ୍ ୧୫ ଡିଗ୍ରି ତାପମାତ୍ରାରେ ଚମ୍ବା ଠାରୁ ୧୭୮ କିମି ରାସ୍ତା ପାର ହେବାକୁ ପଡ଼ିଥିଲା ବୈଭବଙ୍କୁ । ହିମାଚଳ ପ୍ରଦେଶର ଏହି ରାସ୍ତା ଅନ୍ୟତମ ବିପଦପୂର୍ଣ୍ଣ ରାସ୍ତା । ପ୍ରତିଯୋଗୀ ମାନେ ଭୂପୃଷ୍ଠ ଠାରୁ ୧୫ହଜାର ଫୁଟ ଉଚ୍ଚରେ କାର ଚଳାଇଥିଲେ । ଗାଡ଼ି ଚଳାଇବା ସମୟରେ ସାଥୀ ଶାଶ୍ୱତ ସ୍ୱାଇଁ ନାଭିଗେଟର ଭାବେ ରହିଥିଲେ । ବୈଭବଙ୍କ କହିବା କଥା, ଏହି ଭଳି ବିପଦପୂର୍ଣ୍ଣ ସ୍ଥାନରେ ଗାଡ଼ି ଚଳାଇବାରେ ଜୀବନ ପ୍ରତି ବିପଦ ରହିଥିଲା । ଏମିତିକି ଗାଡ଼ିର ଚଉଡ଼ା ଠାରୁ ରାସ୍ତାର ଚଉଡ଼ା କମ୍ ରହିଥିଲା ।

ଏହି ବିପଦ ନାଁ ଥିଲା 'କିଲର ସର୍ ପାସ୍' । ଟିକେ ଗାଡ଼ି ଚାଳନାରେ ତ୍ରୁଟି ରହିଲେ ଜୀବନ ଯିବାର ସମ୍ଭାବନା ରହିଥିଲା ବୋଲି ଶ୍ରୀ ଚୌଧୁରୀ କହିଥିଲେ । ଏହି ରାସ୍ତାରେ ଏତେ ମାତ୍ରାରେ ବରଫ ଥିଲା ଯେ, ଗାଡ଼ିର ବ୍ରେକ୍ ମଧ୍ୟ କାମ କରୁନଥିଲା । ଏମିତିକି ଏହି ବିପଦପୂର୍ଣ୍ଣ ରାସ୍ତା ପାର ହେବା ପାଇଁ ସବୁଠୁ ବିପଦପୂର୍ଣ୍ଣ ଥିଲା ପାଣିପାଗ ବୋଲି କହିଛନ୍ତି ।

ଓଡ଼ିଶାକୁ ଜାତୀୟ ଏମ୍ଏସ୍ଏମ୍ଇ ଆୱାର୍ଡ-୨୦୨୨

ଭୁବନେଶ୍ୱର,୨୪/୦୬ (ନି.ପ୍ର): ଭାରତ ସରକାର ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଉତ୍ପାଦନ ଉଦ୍ୟୋଗ, ସେବା ଉଦ୍ୟୋଗ, ସ୍ୱତନ୍ତ୍ର ଉଦ୍ୟୋଗ ଏବଂ ପ୍ରତିଷ୍ଠାନ ସହାୟତା କ୍ଷେତ୍ର ଭଳି ସର୍ବମୋଟ ୪୪ ଗୋଟି କ୍ଷେତ୍ରରେ ପୁରସ୍କାର ନିମନ୍ତେ ବିବେଚିତ ହୋଇଛନ୍ତି । ଏଥିରେ ଓଡ଼ିଶା ଜାତୀୟ ଏମ୍ଏସ୍ଏମ୍ଇ ଆୱାର୍ଡ-୨୦୨୨ ପୁରସ୍କାର ପାଇ ଦେଶରେ ପ୍ରଥମ ରାଜ୍ୟ ଭାବେ ବିବେଚିତ ହୋଇଛି । ଏହା ରାଜ୍ୟର ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଦିଗରେ ନେଇଥିବା ପଦକ୍ଷେପ ପାଇଁ ପୁରସ୍କୃତ କରାଯିବ ।

ସେହିଭଳି ଆକାଂକ୍ଷୀ ଜିଲ୍ଲାମାନଙ୍କ ମଧ୍ୟରେ କଳାହାଣ୍ଡି ଜିଲ୍ଲାକୁ ତୃତୀୟ ଜିଲ୍ଲା ଭାବେ ବିବେଚିତ ହୋଇଛି । ଏଥି ସହିତ ସେବା ଉଦ୍ୟୋଗ ବର୍ଗରେ ଭୁବନେଶ୍ୱରର ମେସର୍ସ ସେଫେରିକ୍ ଇନ୍ସୁରାନ୍ସ ବ୍ରୋକରସ୍ ପ୍ରାଇଭେଟ୍ ଲିମିଟେଡ୍ କୁ ପ୍ରଥମ ପୁରସ୍କାର ଏବଂ କଟକର ମେସର୍ସ ଅମରନାଥ ପେଷ୍ଟ ମ୍ୟାନେଜ୍ମେଂଟ ଟେକ୍ନୋଲୋଜିକୁ ତୃତୀୟ ପୁରସ୍କାର ପାଇଁ ମନୋନୀତ କରାଯାଇଛି ।

ଏହି ପୁରସ୍କାର ରାଜ୍ୟ ସରକାରଙ୍କର ଏମ୍ଏସ୍ଏମ୍ଇ ବିଭାଗ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଯଥା ନୂଆ ଉଦ୍ୟୋଗକୁ ସୁଯୋଗ ପ୍ରଦାନ କରିବା, ଅଭିଯୋଗ ଶୁଣାଣି, ବଜେଟ୍ ବୃଦ୍ଧି, ଋଣ ପ୍ରଦାନ ଅଭିବୃଦ୍ଧି, କ୍ଲଷ୍ଟର ଆପ୍ରୋଚ୍ କାର୍ଯ୍ୟକାରିତା, ଉଦ୍ୟମ ପଂଜୀକରଣ, ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଏବଂ ସଚେତନତା ସୃଷ୍ଟି ଭଳି କ୍ଷେତ୍ର ଅନ୍ତର୍ଭୁକ୍ତ ।

ଏହି ପୁରସ୍କାର ପାଇଁ ଉଦ୍ୟୋଗଗୁଡ଼ିକଠାରୁ ଦରଖାସ୍ତ ଆହ୍ୱାନ କରାଯାଇ ପ୍ରଥମେ ରାଜ୍ୟସ୍ତରରେ ଓ ପରେ ଜାତୀୟ ସ୍ତରୀୟ କମିଟି ଦ୍ୱାରା ଉଦ୍ୟୋଗରେ ବିନିଯୋଗ ଅର୍ଥ ଏବଂ ଯନ୍ତ୍ରପାତି, ବାର୍ଷିକ ସରଞ୍ଜାମ, ଆସେଟ୍ ଓ ଲାଏବିଲିଟି, ବେତନ ଖର୍ଚ୍ଚ ଏବଂ କର୍ମଚାରୀ କଲ୍ୟାଣ ଇତ୍ୟାଦି ମାନଦଣ୍ଡ ପ୍ରଭୃତିର ତର୍ଜମା କରାଯାଇ ପୁରସ୍କାର ପ୍ରଦାନ କରାଯାଇଛି ।

ଡେଙ୍ଗୁ ପାଇଁ ସତର୍କ ରହିବାକୁ ସମସ୍ତ ଜିଲ୍ଲାପାଳ: ୫ କମିଶନରଙ୍କୁ ଚିଠି ଲେଖିଲା ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର ,୨୪/୦୬ (ନି.ପ୍ର): ରାଜଧାନୀରେ ଏବେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ଏହାର ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇଛି । ବିଏମ୍ସି ସମେତ ରାଜ୍ୟର ୫ଟି ମହାନଗର ନିଗମର କମିସନର ଏବଂ ୩୦ଟି ଜିଲ୍ଲାର ଜିଲ୍ଲାପାଳମାନେ ଡେଙ୍ଗୁ ମୁକାବିଲା ପାଇଁ କ'ଣ ପଦକ୍ଷେପ ନେବେ କୁହାଯାଇଛି । ଡେଙ୍ଗୁ ସମେତ ଭେକ୍ଟର ବାହିତ ରୋଗରେ ଯେପରି କେହି ନମରିବେ, କାହାକୁ ରକ୍ତର ଅଭାବ ହେବନି ସେନେଇ ପ୍ରସ୍ତୁତ ରହିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗାଇଡଲାଇନ୍ ଜାରି ହୋଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ଯେ ବର୍ଷାଋତୁରେ ଭେକ୍ଟର ବାହିତ ରୋଗ ବ୍ୟାପିବାର ସମ୍ଭାବନା ଅଧିକ । ତେଣୁ ମୌସୁମୀ ଋତୁରେ ରାଜ୍ୟର ବିଭିନ୍ନ ସ୍ଥାନରେ ଡେଙ୍ଗୁ ବ୍ୟାପିପାରେ । ଏଭଳି ସ୍ଥିତିରେ ତାଲିମପ୍ରାପ୍ତ କର୍ମଚାରୀଙ୍କୁ ନେଇ ସ୍ଥିତି ଉପରେ ନଜର ରଖିବା ସହ ଆବଶ୍ୟକ ଔଷଧ ଆଦି ମହଜୁଦ ରଖ । ବିଶେଷକରି ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ଉପରେ ଦଖଲ ଥିବା ଅଧିକାରୀ ଓ କର୍ମଚାରୀଙ୍କୁ ମୁତୟନ କରିବାକୁ କୁହାଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ଯେ ଆଗାମୀ ଦିନରେ ମ୍ୟାଲେରିଆ, ଡେଙ୍ଗୁ, ଜାପାନୀ ଜ୍ୱର ଏବଂ ଅନ୍ୟାନ୍ୟ ଭେକ୍ଟର ବାହିତ ରୋଗ ବ୍ୟାପିବାର ସମ୍ଭାବନା ଥିବାରୁ ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ଓ ବ୍ଲକ ସ୍ତରର ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ପ୍ରସ୍ତୁତ ରଖିବା ସହ କୌଣସି ଠାରୁ ଏହାର ସୂଚନା ମିଳିଲେ ତ୍ୱରିତ ପଦକ୍ଷେପ ନିଅ । ଏହାସହ ଡେଙ୍ଗୁ, ମ୍ୟାଲେରିଆର ମୁକାବିଲା ଲାଗି ମାର୍ଗଦର୍ଶିକା ଜାରି ହୋଇଛି । ଜିଲ୍ଲା ଓ ପୌରପାଳିକା ସ୍ତରରେ ସହଯୋଗୀମାନଙ୍କୁ ନେଇ ବୈଠକ କରିବା ସହ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା, ଅନ୍ୟ ବିଭାଗଗୁଡ଼ିକ ସହ ମିଶି ସଚେତନତା କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦିଆଯାଇଛି ।

ଯେଉଁସବୁ ଅଞ୍ଚଳରେ ଗତ ୫ ବର୍ଷ ମଧ୍ୟରେ ଭେକ୍ଟର ବାହିତ ରୋଗ ବ୍ୟାପିଛି ସେସବୁ ଅଞ୍ଚଳକୁ ଚିହ୍ନଟ କରିବା ସହ ଚଳିତବର୍ଷ ଉକ୍ତ ସମ୍ବେଦନଶୀଳ ଅଞ୍ଚଳକୁ ଠାବ କରିବାପାଇଁ ପରାମର୍ଶ ଦିଆଯାଇଛି । ଏହି ରୋଗରେ ମୃତ୍ୟୁ ଯେଭଳି ନଘଟିବ ସେଥିପାଇଁ ଠିକଣା ସମୟରେ ପରୀକ୍ଷା, ଚିକିତ୍ସା ଓ ରୋଗୀଙ୍କୁ ଆବଶ୍ୟକ ସ

ନିର୍ବାଚନ ପଦ୍ଧତିରେ ସଂସ୍କାର...

(ପୃଷ୍ଠା ୪ର ଅବଶିଷ୍ଟ) କାରଣ ସରକାରୀ ଅର୍ଥ ବ୍ୟୟରେ, ଭୋଟର ମାନଙ୍କୁ ସରକାରୀ ଦଳ ଆଡକୁ ଆକର୍ଷିତ କରିବାର ଏହା ଏକ ସୁକ୍ଷ୍ମ ପ୍ରୟାସ ପରି ପ୍ରତୀୟମାନ ହୁଏ। ନିର୍ବାଚନର ଠିକ୍ ପରେ ପରେ ଦୁଇ ବର୍ଷ ଭିତରେ ଇସ୍ତାହାର ବା ଯୋଜନା ସବୁ କାର୍ଯ୍ୟକାରୀ କରାଯିବା ଉଚିତ୍। (୧୦) ଭୋଟର ତାଲିକା ପ୍ରସ୍ତୁତି ବୋଧହୁଏ ଦେଶ ସ୍ୱାଧୀନ ହେବା ପର ଠାରୁ ନିର୍ଭୁଲ ହୋଇ ପାରୁ ନାହିଁ। ମରିବା ଲୋକଙ୍କ ନାମ ତାଲିକାରେ ଥିବା ବେଳେ ଯୋଗ୍ୟ ଭୋଟରଙ୍କ ନାମ ବାଦ୍ ପଡି ଯାଇଥାଏ। ନିଜ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ନାମକୁ ଭୋଟର ତାଲିକାରୁ କାଟିବା ବା ରଖିବା କାର୍ଯ୍ୟକୁ ସଂପୂର୍ଣ ଭାବରେ ରାଜନୈତିକ ଚାପରୁ ମୁକ୍ତ ରଖାଯିବା ଉଚିତ୍। ଭୋଟର ତାଲିକାରେ ତ୍ରୁଟି ରହିଲେ, ଏହାକୁ ପ୍ରସ୍ତୁତ କରିବା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଉତରଦାୟୀ କରାଯାଇ, କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ବ୍ୟବସ୍ଥା କରାଗଲେ, ତାଲିକା ନିଶ୍ଚୟ ତ୍ରୁଟିମୁକ୍ତ ହେବ, ଏହା ନିଃସନ୍ଦେହ। (୧୧) ଯେଉଁ ଦଳ ଧର୍ମ ଓ ସଂପ୍ରଦାୟ ନାମରେ ଭୋଟର ମାନଙ୍କୁ ବିଭ୍ରାନ୍ତ କରାଇ ନିର୍ବାଚନରେ ଜୟଲାଭ କରିବାକୁ ଚେଷ୍ଟା କରନ୍ତି, ସୁକ୍ଷ୍ମ ଅନୁଧ୍ୟାନ ପୂର୍ବକ, ତୁରନ୍ତ ଏପରି ଦଳକୁ ଅଯୋଗ୍ୟ ଘୋଷଣା କରିବାର ନିୟମ ପ୍ରଣୟନ ହେବା ଅତ୍ୟନ୍ତ ଜରୁରୀ ନଚେତ୍ ଦେଶ ବିଭାଜନର ସାମ୍ନା କରିବା ଅସମ୍ଭବ ନୁହେଁ!(୧୨) ଆମ ଦେଶରେ ସର୍ବଦା କେଉଁଠି ନା କେଉଁଠି ନିର୍ବାଚନ ଅନୁଷ୍ଠିତ ହେଉଅଛି। ଆଜି କେଉଁ ରାଜ୍ୟରତ କାଲି ଆଉ କେଉଁ ରାଜ୍ୟର, କେବେ ସଂସଦ ନିର୍ବାଚନ, କେବେ ପଂଚାୟତ ତ କେବେ ମୁନ୍ୟିସିପାଲିଟି। ବର୍ଷସାରା ନିର୍ବାଚନ ପାଲା ଆଉ ଆଚରଣ ବିଧି। ତେଣୁ ସମସ୍ତ ରାଜ୍ୟ ଓ ସଂସଦ ର ଏକକ ନିର୍ବାଚନ ଗୋଟିଏ ସମୟରେ ଅନୁଷ୍ଠିତ ହେଲେ, ଅଯଥା ଅର୍ଥ ବ୍ୟୟ ଏବଂ ଅନେକ ଅସୁବିଧାକୁ ଏଡାଇ ଦିଆ ଯାଇ ପାରନ୍ତା।(୧୩) ସର୍ବ ଶେଷରେ ଗୋଟିଏ କଥା, ନିର୍ବାଚନ କମିଶନରଙ୍କୁ ରାଜନୈତିକ ପ୍ରଭାବ ଏବଂ ହସ୍ତକ୍ଷେପରୁ ମୁକ୍ତ ରଖାଯାଇ ତାଙ୍କୁ ସ୍ୱାଧୀନ ଭାବରେ ସ୍ୱତନ୍ତ୍ର ନିୟମ ପ୍ରୟୋଗ କରିବାକୁ କ୍ଷମତା ପ୍ରଦାନ କରା ନଗଲେ, ଦେଶରେ କେବେବି ସ୍ୱଚ୍ଛ, ନିରପେକ୍ଷ, ଅବାଧ ଓ ସୁସ୍ଥ ନିର୍ବାଚନ ସମ୍ଭବ ହୋଇ ପାରିବ ନାହିଁ।

କିଶନନଗର, କଟକ, ମୋ-୬୩୭୧୫୯୩୨୨୦

ରୋଗୀକଲ୍ୟାଣ ସମିତି ବୈଠକ

ଭଦ୍ରକ, ୨୪/୦୬ (ନି.ପ୍ର): ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଅଧିକ୍ଷକ ଡାକ୍ତର କମଳାକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ, ବିଡିଓ ଦେବଦତ୍ତ ଦାଶ, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ସରପଞ୍ଚ ବର୍ଷାରାଣୀ ଜେନା, ଡାକ୍ତର ଆଦିତ୍ୟ ସାହୁ, ସୌମ୍ୟରଞ୍ଜନ ସାହୁ, ଏବିଇଓ ଜଗନ୍ନାଥ ବାରିକ, ସ୍ୱାସ୍ଥ୍ୟ କର୍ମଚାରୀ ଶୁଭ୍ରା ଗାଙ୍ଗୁଲି, ବିପିଏମ ରଶ୍ମିରେଖା ପୃଷ୍ଟି, ଫାର୍ମାଶିଷ୍ଟ ପଙ୍କଜ ବେହେରା, ଅର୍ଥ ପରିଚାଳକ ରଞ୍ଜିତ କୁମାର ବରାଳ, ବରିଷ୍ଠ ସେବିକା ଅନୁପମା ଦାସ, ସନ୍ଧ୍ୟାରାଣୀ ପାତ୍ର, ପ୍ରଫୁଲ୍ଲ ଖଟୁଆ, ବାସୁଦେବ ଉପାଧ୍ୟାୟ, ହେମନ୍ତ ଜେନା, ଦେବେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିମଳ ବ୍ୟବସ୍ଥାର ସୁଧାର, ଭିତ୍ତଭୂମିର ଉନ୍ନତିକରଣ, ପାଚେରି ନିର୍ମାଣ, ଶୌଚାଳୟ ନିର୍ମାଣ, ଆମ୍ବୁଲାନ୍ସ ଯୋଗାଣ, ରକ୍ତଭଣ୍ଡାର କାର୍ଯ୍ୟକ୍ଷମ, ଡାକ୍ତର ଓ କର୍ମଚାରୀ ଅଭାବ ପୂରଣ, ଅନ୍ତେବାସୀ ରୋଗୀଙ୍କ ନିମନ୍ତେ ଡାକ୍ତରଖାନା ପରିସରରେ ରୋଷେଇଶାଳା ସ୍ଥାପନା ଆଦି ବହୁ ପ୍ରସଙ୍ଗରେ ଆଲୋଚନା ହୋଇ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଆଉ ନାହାନ୍ତି ଲୋକପ୍ରିୟ ଖଳନାୟକ....

ସେ କାହିଁକି ଏମିତି ଲେଖିଥିଲେ ତାହା ସ୍ପଷ୍ଟ ହୋଇନାହିଁ । ମୃତ୍ୟୁ ଘଟଣାର ତଦନ୍ତ ସରିଲେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଆଶା କରାଯାଉଛି। ୧୯୬୩ ମସିହାରେ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଉଦୟପୁର ଗାଁରେ ରାଇମୋହନ ପରିଡ଼ା ଜନ୍ମଗ୍ରହଣ କରିଥିଲେ। କରଞ୍ଜିଆ କଲେଜରେ ପାଠପଢ଼ା ଶେଷ କରିବା ପରେ ସେ ଭୁବନେଶ୍ୱର ସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ନାମ ଲେଖାଇଥିଲେ। ସେ ଏଠାରେ ନାଟକ ବିଭଗର ଛାତ୍ର ଥିଲେ। ୧୯୮୫ରେ ରାଇମୋହନ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ୧୯୮୭ରେ ସେ 'ସାଗର' ଫିଲ୍ମରେ ପ୍ରଥମେ ଖଳନାୟକ ଭୂମିକାରେ ଅଭିନୟ କରିଥିଲେ। ରାଇମୋହନ ପରିଡ଼ା ୯୦ଟି ଓଡ଼ିଆ ଚଳଚ୍ଚିତ୍ରରେ କାମ କରିବା ସହିତ ୧୫ଟି ବଙ୍ଗଳା ଫିଲ୍ମରେ କାମ କରିଛନ୍ତି। ସେ ୪୦ରୁ ଅଧିକ ନାଟକରେ ଅଭିନୟ କରିଥିବା ବେଳେ ଯାତ୍ରାରେ ମଧ୍ୟ କାମ କରିଛନ୍ତି। 'ସତମିଛ', 'ରାମଲକ୍ଷ୍ମଣ', 'ଆସିବୁ କେବେ ସାଜି ମୋ ରାଣୀ', 'ନାଗପଂଚମୀ', 'ଉଦଣ୍ଡୀସୀତା', 'ଦେ ମା' ଶକ୍ତି ଦେ', 'ଜୟ ଶ୍ରୀରାମ', 'ତୁ ଥିଲେ ମୋ ଡର କାହାକୁ', 'ରଣଭୂମି', 'ମେଂଟାଲ ଟୋକା', 'ସିଂହବାହିନୀ', 'କୁଳନନ୍ଦନ', 'କଣ୍ଢେଇ ଆଖିରେ ଲୁହ', 'ତୁ ଥିଲେ ମୋ ଡର କାହାକୁ', 'କୋଟିଏ ମଣିଷ ଗୋଟିଏ ଜଗା' ଓ 'ମିଷ୍ଟର ମଜ୍ନୁ' ଭଳି ଅନେକ ଫିଲ୍ମରେ ସେ ଅଭିନୟ କରିଛନ୍ତି। ଅଭିନୟ ପାଇଁ ସେ ବହୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି। ରାଇମୋହନଙ୍କ କେତେକ ସିନେମାର ସଂଳାପ ଆଜି ବି ବେଶ ଲୋକପ୍ରିୟ। ସେଥିମଧ୍ୟରୁ ପ୍ରଣବ ଦାସଙ୍କ ନିର୍ଦ୍ଦେଶିତ ରଣଭୂମି ଫିଲ୍ମର 'ହେଇ ଅନାନି... 'ସର୍ବାଧିକ ଚର୍ଚ୍ଚିତ। ଏବେ ବି ରାଇମୋହନଙ୍କ ଅଭିନୀତ କେତୋଟି ଓଡ଼ିଆ ଛବି ମୁକ୍ତି ପ୍ରତୀକ୍ଷାରେ ରହିଛି। କେବଳ ଓଡ଼ିଆ ସିନେମାରେ ନୁହେଁ, ସେ କେତୋଟି ଓଡ଼ିଆ ମେଗା ଧାରାବାହିକରେ ବି ଅଭିନୟ କରିଥିଲେ। ଏହାବ୍ୟତୀତ ଯାତ୍ରା ଜଗତରେ ମଧ୍ୟ ନିଜର ନିଖୁଣ ଅଭିନୟର ଛାପ ଛାଡି ଯାଇଛନ୍ତି। ବିଶିଷ୍ଟ ଅଭିନେତା ରାଇମୋହନ ପରିଡ଼ାଙ୍କ ଅକାଳ ବିୟୋଗରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗଭୀର ଶୋକ ପ୍ରକାଶ କରିଛନ୍ତି ଓ ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗ ପ୍ରତି ସମବେଦନା ଜଣାଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟ୍ୱିଟ କରି ଲେଖିଛନ୍ତି, ନାଟକ, ଯାତ୍ରା ଓ ଚଳଚ୍ଚିତ୍ରରେ ତାଙ୍କର ଅନୁପସ୍ଥିତି ସର୍ବଦା ଅନୁଭବ ହେବ। ତାଙ୍କ ନିଖୁଣ ଅଭିନୟ ପାଇଁ ସେ ସ୍ମରଣୀୟ ରହିବେ।

ୟୁକ୍ରେନକୁ ବଡ ଆଶ୍ୱସ୍ତି....

ଉଭୟ ଦେଶକୁ ୟୁନିୟରେ ସାମିଲ କରିବା ପାଇଁ ପ୍ରାର୍ଥୀ ଭାବେ ଗ୍ରହଣ କରାଯାଇଥିବା ସଂଘର ଅଧ୍ୟକ୍ଷ ଚାର୍ଲସ ମାଇକେଲ ସୂଚନା ଦେଇଛନ୍ତି । ୟୁକ୍ରେନ ଓ ମାଲଡୋବାକୁ ପ୍ରାର୍ଥୀଭାବେ ଚୟନ କରାଯିବା ପରେ ମଧ୍ୟ ପୂର୍ଣ୍ଣ ସଦସ୍ୟତା ପାଇଁ ଆଉ କିଛି ସମୟ ଲାଗିପାରେ । କାରଣ ୟୁକ୍ରେନକୁ ସଦସ୍ୟତା ହାସଲ ପାଇଁ କିଛି ସଂଘର କିଛି ସର୍ତ ପୂରଣ କରିବାକୁ ପଡିବ । ଏଥିସହ ୨୭ଜଣ ସଦସ୍ୟଙ୍କୁ ସର୍ବସମ୍ମତିର ମଧ୍ୟ ଆବଶ୍ୟକତା ରହିଛି । ଯଦି ୨୭ଜଣ ସଦସ୍ୟଙ୍କ ମଧ୍ୟରୁ ଜଣେ ସଦସ୍ୟ ଆପତିପ୍ରକାଶ କରିବେ ତେବେ ସଦସ୍ୟତା ମିଳିବା ଅସମ୍ଭବ । ଆସନ୍ତା ସପ୍ତାହରେ ବସିବାକୁ ଥିବା ସଂଘର ଶିଖର ସମ୍ମିଳନୀରେ ନିର୍ଣ୍ଣାୟକ ନିଷ୍ପତି ନିଆଯିବ । ୟୁରୋପୀୟ ସଂଘ ଓ ନାଟୋରେ ସଦସ୍ୟତା ପାଇଁ ୟୁକ୍ରେନ କରୁଥିବା ଚେଷ୍ଟାକୁ ବିରୋଧ କରି ଆକ୍ରମଣ ଜାରି ରଖିଛି ରୁଷ । ଯଦି ଏଭଳି ସ୍ଥିତିରେ ୟୁକ୍ରେନକୁ ୟୁରୋପୀୟ ସଂଘର ସଦସ୍ୟତା ମିଳିଯାଏ ତେବେ ରୁଷ ପାଇଁ ଏହା ଏକ ପ୍ରକାର ହାର ହେବ । ୟୁକ୍ରେନକୁ ୟୁରୋପୀର ସଂଘ କିମ୍ବା ନାଟୋର ସଦସ୍ୟତା ମିଳିବା ଆଶଙ୍କା ଭିତରେ ଜୋରଦାର ଆକ୍ରମଣ ଜାରି ରଖିଛି ରୁଷ । କୌଣସି ପରିସ୍ଥିତିରେ ୟୁକ୍ରେନର ମୁଣ୍ଡ ନୁଆଁଇ ଦେଶ ଉପରେ ସମ୍ପୂର୍ଣ୍ଣ କବଜା କରିବାକୁ ପୁଟିନ ସରକାର ଘମାଘୋଟ ଲଢେଇ କରୁଛନ୍ତି ।

ଓଡ଼ିଶା ଉପକୂଳରୁ ଭିଏଲ-ଏସଆର....

ନୌସେନା ମୁଖ୍ୟ ଆଡମିରାଲ ଆର. ହରି କୁମାର ଭିଏଲ-ଏସଆର ସାମ୍ ର ସଫଳ ଫ୍ଲାଇଟ୍ ଟେଷ୍ଟ ପାଇଁ ଭାରତୀୟ ନୌସେନା ଏବଂ ଡିଆରଡିଓ କର୍ତ୍ତୃପକ୍ଷଙ୍କୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଯେ, ସ୍ୱଦେଶୀ କ୍ଷେପଣାସ୍ତ୍ର ପ୍ରଣାଳୀ ବିକଶିତ ହେବା ଦ୍ୱାରା ଭାରତୀୟ ନୌସେନାର ପ୍ରତିରକ୍ଷା ସାମର୍ଥ୍ୟ ଅଧିକ ସୁଦୃଢ଼ ହେବ । ଏହି ସଫଳ ଫ୍ଲାଇଟ୍ ଟେଷ୍ଟରେ ସାମିଲ ଥିବା ଦଳକୁ ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗ ସଚିବ ତଥା ଡିଆରଡିଓ ଅଧ୍ୟକ୍ଷ ଡକ୍ଟର ଜି. ସତୀଶ ରେଡ୍ଡୀ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଯେ, ଭାରତୀୟ ନୌସେନାର ଯୁଦ୍ଧ ଜାହାଜରେ ସ୍ୱଦେଶୀ ଅସ୍ତ୍ର ପ୍ରଣାଳୀ ସାମିଲ ହେବା ଏହି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣରୁ ପ୍ରମାଣିତ ହୋଇଛି । ସେ ଆହୁରି କହିଛନ୍ତି ଯେ, ଏହି କ୍ଷେପଣାସ୍ତ୍ର ପ୍ରଣାଳୀ ଭାରତୀୟ ନୌସେନାର ଶକ୍ତିକୁ ବହୁଗୁଣିତ କରିବ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ଆତ୍ମନିର୍ଭର ଭାରତ' ସଂକଳ୍ପକୁ ସାକାର କରିବା ଦିଗରେ ଏକ ଆଉ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ।

ଏନଡିଏ ପ୍ରାର୍ଥୀ ଭାବେ ନାମାଙ୍କନ....

ଶୁକ୍ରବାର ଦ୍ରୌପଦୀ ମୁର୍ମୁ ନାମାଙ୍କନ କରିଥିଲେ ବି ସେ ଏକପ୍ରକାର ରାଷ୍ଟ୍ରପତି ହେବା ନିଶ୍ଚିତ ହୋଇଯାଇଛି । କାରଣ ଇଲେକ୍ଟୋରାଲ କଲେଜର ୫୦ ପ୍ରତିଶତରୁ ଅଧିକ ସମର୍ଥନ ଦ୍ରୌପଦୀଙ୍କ ପଛରେ ରହିଛି । ଏନଡିଏ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ୧୭ ହଜାରରୁ ସାମାନ୍ୟ ଅଧିକ ଭୋଟ ଦରକାର ହେଉଥିବାବେଳେ ବିଜେଡି ପରେ ୱାଇଏସଆର କଂଗ୍ରେସ ମଧ୍ୟ ଦ୍ରୌପଦୀଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ କରିବ ବୋଲି ଘୋଷଣା କରିସାରିଛି । ତେଣୁ ସେ ବିରୋଧୀ ମେଂଟର ପ୍ରାର୍ଥୀ ଯଶୋବନ୍ତ ସିହ୍ନାଙ୍କ ଠାରୁ ଢେର ଆଗରେ ଥିବା ଏକପ୍ରକାର ସ୍ପଷ୍ଟ ହୋଇଯାଇଛି । ଦ୍ରୌପଦୀ ମୁର୍ମୁ ରାଇସିନା ହିଲା ଯିବାକୁ ପ୍ରସ୍ତୁତ ହେଉଥିବାବେଳେ ତାଙ୍କ ରାଇରଙ୍ଗପୁର ବାସଭବନରେ ଉତ୍ସବର ମାହୋଲ ଦେଖିବାକୁ ମିଳିଛି । ବାଜା ବଜାଇ, ବାଣ ଫୁଟାଇ ଉତ୍ସବ ମନାଇଛନ୍ତି ଶୁଭେଚ୍ଛୁ । ସାନ୍ତାଳି ନାଚ ଗୀତରେ ଦୁଲୁକୁଛି ରାଇରଙ୍ଗପୁର । ଆଗାମୀ ଜୁଲାଇ ୧୮ ତାରିଖରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବ । ଜୁଲାଇ ୨୧ରେ ଭୋଟ ଗଣନା କରାଯାଇ, ଜୁଲାଇ ୨୫ ତାରିଖରେ ଶପଥ ନେବେ ନବନିର୍ବାଚିତ ରାଷ୍ଟ୍ରପତି ।

ରାଇମୋହନଙ୍କ ଅଭିନୟର ସ୍ଥାନ କେହି ନେଇପାରିବେ ନାହିଁ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୪/୦୬ (ନି.ପ୍ର):ଓଡ଼ିଶାର ଲୋକପ୍ରିୟ କଳାକାର ତଥା ବରିଷ୍ଠ ସିନେ ଅଭିନେତା ରାଇମୋହନ ପରିଡ଼ାଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଯେ ଲୋକପ୍ରିୟ ଅଭିନେତା ରାଇମୋହନ ପରିଡ଼ାଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଲମ୍ବା ସମୟ ଧରି ଓଡ଼ିଆ ଚଳଚ୍ଚିତ୍ର ଓ ଯାତ୍ରା ଜଗତରେ ତାଙ୍କର ଜୀବନ୍ତ ଓ ବିରଳ ଅଭିନୟ ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା । ଓଡ଼ିଶା ସିନେ ଓ ଯାତ୍ରା ଜଗତରେ ତାଙ୍କ ଭଳି ଜଣେ ପ୍ରତିଭାବାନ ବ୍ୟକ୍ତିଙ୍କ ମୃତ୍ୟୁକୁ ବିଶ୍ୱାସ କରି ହେଉନାହିଁ। ଅଭିନୟ କ୍ଷେତ୍ରରେ ତାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସ୍ୱତନ୍ତ୍ର ସ୍ଥାନ କେହି ନେଇପାରିବେ ନାହିଁ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଦିବଙ୍ଗତ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

ରାଜ୍ୟ ସଭା ସଦସ୍ୟ ଭାବେ ଶପଥ ଗ୍ରହଣ କଲେ ନିରଂଜନ ବିଶି

ଭୁବନେଶ୍ୱର, ୨୪/୦୬ (ନି.ପ୍ର): ରାଜ୍ୟ ସଭାର ସଦସ୍ୟ ଭାବେ ନିରଂଜନ ବିଶି ଶୁକ୍ରବାର ଦିନ ଶପଥ ଗ୍ରହଣ କରିଛନ୍ତି । ରାଜ୍ୟସଭାର ସଭାପତି ଏମ.ଭେଙ୍କେୟା ନାୟଡୁ ତାଙ୍କୁ ରାଜ୍ୟସଭାର ସଦସ୍ୟ ଭାବେ ଶପଥ ଗ୍ରହଣ କରାଇଛନ୍ତି । ସେ ରାଜ୍ୟସଭା ଉପ ନିର୍ବାଚନରେ ବିଜୟୀ ହୋଇଥିଲେ ।

ଜାତୀୟ ଅନୁସୂଚିତ ଜାତି କମିଶନ ଉପାଧ୍ୟକ୍ଷଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତ

ଭୁବନେଶ୍ୱର, ୨୪/୦୬ (ନି.ପ୍ର): ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ରୀୟ ଅନୁସୂଚିତ ଜାତି କମିଶନର ଉପାଧ୍ୟକ୍ଷ ଅରୁଣ ହାଲଦାର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧ୍ୟକ୍ଷତାରେ ଆଜି ଅପରାହ୍ନରେ ଲୋକସେବା ଭବନର ସାଧାରଣ ପ୍ରଶାସନ ବିଭାଗର ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଓ ଅନ୍ୟାନ୍ୟ ପଛୁଆବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା, ପୋଲିସ ଡିଜି ସୁନିଲ କୁମାର ବନସଲ୍, ଅତିରିକ୍ତ ଡିଜି, ଏଚ୍ଆରପିସି ସିଦ୍ଧାର୍ଥ ନରଭଣେ, ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ, ଅତିରିକ୍ତ ଶାସନ ସଚିବ ପବିତ୍ର ମଣ୍ଡଳ, ଓଏସ୍ଏଫ୍ଡିସିର ଜେନେରାଲ ମ୍ୟାନେଜର ଶ୍ରୀମତୀ ଇତିଶ୍ରୀ ଦାସ ଓ ଅନ୍ୟ ବିଭାଗୀୟ ଅଧିକାରୀ, ବିଭିନ୍ନ ଜନଜାତି ଓ ଜାତି ସଂଘର କର୍ମକର୍ତା ଉପସ୍ଥିତ ଥିଲେ । ଏହି ବୈଠକରେ ଅନୁସୂଚିତ ଜାତିଙ୍କ ପାଇଁ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା, ଚାକିରି ଓ ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସଂରକ୍ଷଣ, ଆଟ୍ରୋସିଟି କେସ୍, ଭିଜିଲାନ୍ସ ମନିଟରିଂ କମିଟି ଆଦିର କାର୍ଯ୍ୟକାରିତା ଉପରେ ଆଲୋକପାତ କରାଯାଇ ଏହାର ସଫଳ ରୂପାୟନ ପାଇଁ ନିଷ୍ପତ୍ତି ନିଆଗଲା । ଏତଦ୍ବ୍ୟତୀତ ଅନୁସୂଚିତ ଜାତିଙ୍କ ମଙ୍ଗଳ ପାଇଁ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା, ଦକ୍ଷତା ବିକାଶ ତାଲିମ, ବ୍ୟାଙ୍କ ମାଧ୍ୟମରେ ଦିଆଯାଉଥିବା ରିହାତିଯୁକ୍ତ ଋଣ ଇତ୍ୟାଦି ବାବଦରେ ତ୍ୱରିତ ପଦକ୍ଷେପ ନେବା ପାଇଁ ନିଷ୍ପତି ନିଆଯାଇଥିଲା ।

ଗୁଜୁରାଟ ଫେରନ୍ତାଙ୍କ ଆତ୍ମହତ୍ୟା

ଜଳେଶ୍ୱର ୨୪/୬(ନି.ପ୍ର): ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ପୌରପାଳିକାର ଚକବାବନ ଗ୍ରାମର ଗଣେଶ ସାହୁ(୪୯) ଆଜି ନିଜ ଘରେ ଫାସି ଲଗାଇ ଆତ୍ମହତ୍ୟା କରିଛନ୍ତି । ତାଙ୍କ ସ୍ତ୍ରୀ ବିଲକୁ ଯାଇଥିବା ବେଳେ ଅପରାହ୍ନରେ ସେଠାରୁ ଫେରି ଶୋଇବା ଘରେ ତାଙ୍କ ସ୍ୱାମୀ ଫାସି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ । ତାଙ୍କର ଏକମାତ୍ର ଝିଅ ବିବାହ ସରିଥିବା ବେଳେ ୪ଦିନ ପୂର୍ବରୁ ଗୁଜୁରାଟରୁ ସେ ଫେରି ଅବସାଦ ଗ୍ରସ୍ତ ହୋଇ ରହୁଥିବା ଗ୍ରାମବାସୀମାନେ କହିଛନ୍ତି । ତାଙ୍କ ଘରେ କେହି ନ ଥିବା ଅବସ୍ଥାରେ ଏପରି କାଣ୍ଡ ଘଟିଥିବାରୁ ଗ୍ରାମବାସୀଙ୍କ ସହାୟତାରେ କବାଟ ଭଂଗି ତାଙ୍କ ଶବ ଉଦ୍ଧାର କରାଯାଇଛି । ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ତଦନ୍ତ ଚଳାଇଥିବା ଜଣାଯାଇଛି । ଏହା ଶୁଣାଯିବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

ହାଇକୋର୍ଟ ସ୍ଥାନାନ୍ତର ଦାବିରେ ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ

ଭୁବନେଶ୍ୱର, ୨୪/୦୬ (ନି.ପ୍ର): ଭୁବନେଶ୍ୱରକୁ ହାଇକୋର୍ଟ ସ୍ଥାନାନ୍ତର ଦାବି ନେଇ ଆଜି ଓକିଲମାନେ ଆନ୍ଦୋଳନ କରିଛନ୍ତି। ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ କୋର୍ଟର ମୁଖ୍ୟ ଫାଟକ ନିକଟରେ ପ୍ରତିବାଦ କରି ଧାରଣା ଦେଇଥିଲେ। ୨୦୧୩ମସିହାରୁ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ପ୍ରତିମାସରେ ଏହି ଆନ୍ଦୋଳନ ହେଉଥିବା ବେଳେ କରୋନା ଯୋଗୁଁ ୨ବର୍ଷ ହେଲା ବନ୍ଦ ପରେ ପୁଣି ଏହି ଆନ୍ଦୋଳନ ମୁଣ୍ଡ ଟେକିଛି। ସବୁ ରାଜ୍ୟର ରାଜଧାନୀରେ ହାଇକୋର୍ଟ ରହିଥିବା ବେଳେ ଭୁବନେଶ୍ୱରରେ ହାଇକୋର୍ଟ ସ୍ଥାପନ ହେଲେ ବହୁ ଆଇନଜୀବୀ ଓ ଜନସାଧାରଣ ଉପକୃତ ହେବେ। ଏହି ଶାନ୍ତିପୂର୍ଣ୍ଣ ଧାରଣାରେ ବରିଷ୍ଠ ଆଇନଜୀବୀ ପ୍ରସନ୍ନ ପଟ୍ଟନାୟକ, ଶିବାନନ୍ଦ ରାୟ, ଅତ୍ମ ପ୍ରକା

ବାଲେଶ୍ୱର, ଶନିବାର, ୨୫ ଜୁନ୍, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ବିଧାନସଭା ପରିସରରେ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧଦିବସ ପାଳିତ

ଭୁବନେଶ୍ୱର, ୨୪/୦୬ (ନି.ପ୍ର): ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଭଳି ବ୍ୟକ୍ତିତ୍ୱ ରାଜନୀତି କ୍ଷେତ୍ରରେ ବିରଳ। ତାଙ୍କର ଓଡ଼ିଶା ପ୍ରତି ଯେଉଁ ଅବଦାନ, କୃଷକ, ଗରିବ ଓ ଖଟିଖିଆଙ୍କ ପ୍ରତି ଯେଉଁ ସମର୍ପିତ ଭାବ ଥିଲା ଆଗାମୀ ପିଢ଼ି ସେଥିରୁ ଶିକ୍ଷା ଗ୍ରହଣ କରିବାର ଆବଶ୍ୟକତା ରହିଛି ଏବଂ ଆମେମାନେ ତାଙ୍କ ନୀତି-ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ କରିବା ଉଚିତ ବୋଲି ବାଚସ୍ପତି ବିକ୍ରମ କେଶରୀ ଆରୁଖ କହିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଓଡ଼ିଶା ବିଧାନସଭା ପକ୍ଷରୁ ଆୟୋଜିତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସର୍ବୋଦୟ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୩୮ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବାଚସ୍ପତି ଶ୍ରୀ ଆରୁଖ ବିଧାନସଭାସ୍ଥିତ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତିରେ ପୁଷ୍ପଗୁଚ୍ଛ ଅର୍ପଣ କରି କହିଛନ୍ତି ଯେ ସ୍ୱାଧୀନତା ଆନ୍ଦୋଳନରେ ଏବଂ ଭାରତର ସ୍ୱାଧୀନତା ପରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦେଶ ତଥା ରାଜ୍ୟ ପାଇଁ ତାଙ୍କର ଅବଦାନ ଅତୁଳନୀୟ। ଉପବାଚସ୍ପତି ରଜନୀକାନ୍ତ ସିଂହ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ, ପଂଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ, ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ, ବିଧନସଭା ନିର୍ଦ୍ଦେଶକ (ଗବେଷଣା) କୃପାସିନ୍ଧୁ ମିଶ୍ର, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା, ଅନ୍ୟାନ୍ୟ ମାନ୍ୟଗଣ ବ୍ୟକ୍ତି ମହାନ ଜନନାୟକ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବିଧାନସଭାର ଯୁଗ୍ମ ନିର୍ଦ୍ଦେଶକ ଶିବପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନବକୃଷ୍ଣ ଚୌଧୁରୀଙ୍କ ଜୀବନୀ ସଂପର୍କିତ ସଂଗୀତ ପରିବେଷଣ କରାଯାଇଥିଲା।

ଆଦାନି ଫାଉଂଡେସନ ଦ୍ୱାରା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ

ଧାମରା, ୨୪/୦୬ (ନି.ପ୍ର): ଆଦାନି କମ୍ପାନିର ଅଧ୍ୟକ୍ଷ ଶ୍ରୀଯୁକ୍ତ ଗୌତମ ଶାନ୍ତିଲାଲ ଅନାଦିଙ୍କ ୬୦ତମ ଜନ୍ମଦିନ ଅବସରରେ ଧାମରା ପୋର୍ଟର ସାମାଜିକ ଦାୟିତ୍ୱବୋଧ ବିଭାଗ, ଆଦାନି ଫାଉଂଡେସନ ଦ୍ୱାରା ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆଜି ୨୪ ଜୁନ ୨୦୨୨ ରିଖ ଦିନ ଏହାର ଆଦାନି ଅରୋଗ୍ୟ କେନ୍ଦ୍ରଠାରେ ଅୟୋଜନ କରାଯାଇଥିଲା । ଏହି ଶିବିରକୁ ଓଡ଼ିଶା ରକ୍ତ ଭଣ୍ଡାର, ଭଦ୍ରକ ଶାଖା ଅଧିକାରୀ ଡକ୍ଟର ଶ୍ରୀମତୀ ବିମଳା ମିଶ୍ର ଉଦ୍ଘାଟନ କରିଥିଲେ । ଏହି ଶିବିରକୁ ଆଦାନି ଧାମରା ପୋର୍ଟର ସିଇଓ, ସିଓଓ, ଭିପି-କର୍ପୋରେଟ ଆଫେଆର୍ସ, ଅନ୍ୟାନ୍ୟ ବିଭାଗ ମୁଖ୍ୟ, ଆଦାନି ଧାମରା ପୋର୍ଟ ମହିଳା କ୍ଲବ 'ସଙ୍ଗିନୀ'ର ସଦସ୍ୟାବୃନ୍ଦ ଏବଂ ସ୍ୱେଚ୍ଛାସେବୀ କର୍ମଚାରୀମାନେ ଉପସ୍ଥିତ ରହି ସୁଚାରୁ ରୂପେ ସମ୍ପନ୍ନ କରିଥିଲେ । ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ, ମୋଟ ୫୧୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ, ଓଡ଼ିଶା ରକ୍ତ ଭଣ୍ଡାର, ଭଦ୍ରକ ଶାଖାକୁ ଜନହିତ ପାଇଁ ସମର୍ପଣ କରାଯାଇଥିଲା । ଏହି ଶିବିରଟି ଓଡ଼ିଶା ରକ୍ତ ଭଣ୍ଡାରର ଡକ୍ଟର ବିମଳା ମିଶ୍ର, ବିବିଓ ଭଦ୍ରକ, ଶ୍ରୀ ସୁଧାଂଶୁ ସୁଦାନ ବେହେରା, ଶ୍ରୀ ରବୀନ୍ଦ୍ର ଜେନା, ଶ୍ରୀ ରତିକାନ୍ତ ବଳ, ଶ୍ରୀ ବିଶ୍ୱ ରଞ୍ଜନ ବଳ, ଶ୍ରୀ ସୁବ୍ରତ ବିଶ୍ୱାଳ, ସୁଶ୍ରୀ ଜ୍ୟୋତିର୍ମୟୀ ମଲ୍ଲିକ, ଶ୍ରୀ ରୂପକ ସେନାପତି, ଶ୍ରୀ ବିଜୟ କୁମାର ଖଟୁଆ, ଶ୍ରୀ ପ୍ରକାଶ ବେହେରା, ଶ୍ରୀ ଏସ୍‌କେ ବୁଦ୍ଧି, ଶ୍ରୀ ବାବାଜୀ ସାହୁ, ଶ୍ରୀ ମାନସ ପଣ୍ଡା, ଶ୍ରୀ ରୋଜା ଗୁପ୍ତାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା ।

ଡବ୍ଲୁଏଚପି ମୁଖ୍ୟାଳୟରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪/୦୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋମରେ ମିଳିତ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲୁଏଚପି) ମୁଖ୍ୟାଳୟରେ ଜୀବିକା ତଥା ଖାଦ୍ୟ ନିରାପତାକୁ ସୁଦୃଢ଼ କରିବା ଦିଗରେ ରାଜ୍ୟର ପରିବର୍ତନଶୀଳ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ଅବସରରେ କ୍ଷୁଧାମୁକ୍ତ ବିଶ୍ୱ ପରି ଏକ ସାଧାରଣ ଲକ୍ଷ୍ୟ ହାସଲ ଲାଗି ଡବ୍ଲୁଏଫପି ଓ ଓଡ଼ିଶା ସରକାର ମିଳିତ ଭାବରେ କାର୍ଯ୍ୟକରିବାକୁ ସହମତ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ରୋମସ୍ଥିତ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ମୁଖ୍ୟାଳୟ ପରିଦର୍ଶନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ଓଡ଼ିଶା ଦୁଇ ଦଶନ୍ଧି ମଧ୍ୟରେ ବିପର୍ଯ୍ୟୟ ପରିଚାଳନା, ଖାଦ୍ୟ ଉତ୍ପାଦନ ଓ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରି ଏବଂ ଜଳବାୟୁ ଅନୁକୂଳ ଜୀବିକା ସୃଷ୍ଟି ନିମନ୍ତେ ବିକାଶମୂଳକ କାର୍ଯ୍ୟ କରି ଓଡ଼ିଶା ଧୀରେ ଧୀରେ ନିରନ୍ତର ଓ ସମନ୍ୱିତ ବିକାଶ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରଗତି କରୁଛି ବୋଲି ସେ କହିଛନ୍ତି ।

ସଂଯୁକ୍ତ କିଶାନ ମୋର୍ଚ୍ଚା ପକ୍ଷରୁ 'ଅଗ୍ନିପଥ'କୁ ବିରୋଧ

ବାଲେଶ୍ୱର,୨୪/୦୬ (ନି.ପ୍ର): କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକ ପ୍ରତ୍ୟାହାର ଦାବିରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଏକ ପ୍ରତିବାଦ ସଭା ସ୍ଥାନୀୟ ଫାଣ୍ଡିଛକ ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିରକ୍ଷା ବିଭାଗର ସୈନ୍ୟବାହିନୀରେ ସ୍ଥାୟୀ ନିଯୁକ୍ତି ନଦେଇ ୪ବର୍ଷିଆ ଠିକା ନିଯୁକ୍ତି ବ୍ୟବସ୍ଥାକୁ ମୋର୍ଚ୍ଚା ତରଫରୁ ଦୃଢ଼ ବିରୋଧ କରାଯାଇଛି। ଏହି ଠିକା ନିଯୁକ୍ତି ଯୁବକମାନଙ୍କ ମନୋବଳ ଓ ସ୍ପୃହାକୁ ହ୍ରାସ କରିବ। ଠିକା ନିଯୁକ୍ତିରୁ ଚାକିରି ହରାଇବା ପରେ ସେମାନଙ୍କ ପାଇଁ ପେନସନ୍ ଯୋଜନା ନଥିବାରୁ ଏକ ସମାନ୍ତରାଳ ବାହିନୀ ଦେଶରେ ସୃଷ୍ଟି ହେବ। ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ବୈତରଣୀ ପାରି ହେବାପାଇଁ ମୋଦୀ ସରକାର ଦେଶର ଯୁବବର୍ଗଙ୍କୁ ଲଲିପପ୍ ଦେଇ ଭଣ୍ଡାଇବାକୁ ଉଦ୍ୟମ କରୁଛନ୍ତି ବୋଲି ଏହି ସଭାରେ ବକ୍ତାମାନେ ପ୍ରକାଶ କରିଥିଲେ। ଉକ୍ତ ଯୋଜନା ପ୍ରଣୟନ ପୂର୍ବରୁ ଜାତୀୟ ସ୍ତରରେ ଆଲୋଚନା କିମ୍ବା ତର୍ଜମା କରାନଯାଇ ଏକତରଫା ଭାବେ କେନ୍ଦ୍ରସରକାରଙ୍କ ଏହି ନିଷ୍ପତ୍ତିକୁ କସାନ ମୋର୍ଚ୍ଚା ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଛି। କଳା କୃଷି ଆଇନ ପ୍ରତ୍ୟାହାର ଭଳି କେନ୍ଦ୍ର ସରକାର ଏହି ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରି ପ୍ରତିରକ୍ଷା ବିଭାଗରେ ଠିକାନିଯୁକ୍ତି ବ୍ୟବସ୍ଥା ବନ୍ଦପାଇଁ ସେମାନେ ଦାବି କରିଥିଲେ। ଆନ୍ଦୋଳନକାରୀ ଯୁବବର୍ଗ ଦେଶର ଜାତୀୟ ସମ୍ପତ୍ତି ନଷ୍ଟ ନ କରି ଗଣତାନ୍ତ୍ରିକ ପଦ୍ଧତିରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ସଂଯୁକ୍ତ କିସାନ ମୋର୍ଚ୍ଚାର ଅନ୍ୟତମ ଆବାହକ ଗୌରାଙ୍ଗ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ କୃଷକନେତା ପ୍ରେମରଞ୍ଜନ ପାତ୍ର, ଶ୍ରମିକ ନେତା ରାଜକିଶୋର ଲେଙ୍କା, ପୂର୍ବତନ ସରପଞ୍ଚ ଷ୍ଟାଲିନ୍ ମିଶ୍ର, ଶ୍ରମିକନେତା ସର୍ବେଶ୍ୱର ମିଶ୍ର, ଆଇନଜୀବୀ ନିରଞ୍ଜନ ପରିଡ଼ା, ନାରୀନେତ୍ରୀ ବନ୍ଦନା ପାତ୍ର, ଲକ୍ଷ୍ମୀଧର ଗିରି ଓ ଯତୀନ୍ଦ୍ର ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ ଏହି ସଭାରେ ଭରତ ଚନ୍ଦ୍ର ସେଠୀ, ଶରତ ଚନ୍ଦ୍ର ଦଳାଇ, ଯତୀନ୍ ପାତ୍ର, ପରମେଶ୍ୱର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶ୍ୟାମସୁନ୍ଦର ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ଗୋଟିଏ ଦିନରେ ୬୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୪/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୯୧୨୯ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୫୫୯ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୯୧ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୩୬ ଜଣ ସଂଗରୋଧରୁ ଓ ୨୫ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭଦ୍ରକ ଜିଲ୍ଲାରୁ ୧, ବଲାଙ୍ଗୀର ଜିଲ୍ଲାରୁ ୧, କଟକ ଜିଲ୍ଲାରୁ ୭. ଜଗତସିଂହପୁର ଜିଲ୍ଲାରୁ ୧, ଖୋର୍ଧା ଜିଲ୍ଲାରୁ ୩୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୧, ରାୟଗଡା ଜିଲ୍ଲାରୁ ୧, ସୁନ୍ଦରଗଡ ଜିଲ୍ଲାରୁ ୫ ଓ ଷ୍ଟେଟ ପୁଲରୁ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ଓଡ଼ିଆ ଝିଅ ରାଷ୍ଟ୍ରପତି ହେବାକୁ କଂଗ୍ରେସ ସହ୍ୟ କରୁନାହିଁ : ସମୀର ମହାନ୍ତି

ଭୁବନେଶ୍ୱର, ୨୪/୦୬ (ନି.ପ୍ର): ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଂଚଳବାସିନ୍ଦା ଦୀର୍ଘ ଦିନ ଧରି କଂଗ୍ରେସ ଦଳକୁ ଶାସନ କ୍ଷମତାରେ ବସାଇଥିଲେ। ଆଜି ଯେତେବେଳେ ଜଣେ ଓଡିଆ ଆଦିବାସୀ ଝିଅ ଦ୍ରୌପଦୀ ମୁର୍ମୁ ଦେଶ ସମ୍ବିଧାନର ସର୍ବୋଚ ପଦବୀରେ ଅଳଙ୍କୃତ ହୋଇ ରାଷ୍ଟ୍ରପତି ହେବାକୁ ଯାଉଛନ୍ତି, ସେତେବେଳେ ସେହି ଓଡ଼ିଶା କଂଗ୍ରେସ ଦଳ ତାଙ୍କୁ ବିରୋଧ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ଶୁକ୍ରବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ଭାରତୀୟ ଜନତା ପାର୍ଟି ଗତ ୧୯୯୭ ମସିହାରେ ରାଷ୍ଟ୍ରପତି ପଦ ପାଇଁ ଦଳିତ ବର୍ଗର କେ.ଆର.ନାରାୟଣନଙ୍କୁ ସମର୍ଥନ କରିଥିଲା । ଯେତେବେଳେ ଭି.ଭି.ଗିରି ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ, ସେତେବେଳେ ନିଜ ବିବେକ ଅନୁସାରେ ଭୋଟ ଦେବା ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଇନ୍ଦିରା ଗାନ୍ଧୀ ଆହ୍ୱାନ କରିଥିଲେ। ଓଡ଼ିଶାର କଂଗ୍ରେସ ବନ୍ଧୁମାନେ ଓଡ଼ିଶାର ଗର୍ବ, ଗୌରବ ଏବଂ ଅସ୍ମିତାକୁ ପ୍ରାଧାନ୍ୟ ଦେଇ ଶ୍ରୀମତୀ ମୁର୍ମୁଙ୍କୁ ସମର୍ଥନ କରିଥିଲେ କ'ଣ କ୍ଷତି ହୋଇଥାନ୍ତା ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ପ୍ରଶ୍ନ କରିଛନ୍ତି। କଂଗ୍ରେସ ଦୀର୍ଘବର୍ଷ ଶାସନରେ ରହି ମଧ୍ୟ ଓଡ଼ିଶାକୁ ଅବହେଳା ଓ ଅଣଦେଖା କରିଥିବା ଅନେକ ଉଦାହରଣ ରହିଛି। ବିପତି ସମୟରେ ଓଡ଼ିଶାକୁ ସହାୟତା ପ୍ରଦାନ କରିବା ପାଇଁ ଯାଇଥିବା ବିଧାନସଭାର ସର୍ବଦଳୀୟ ପ୍ରତିନିଧି ଦଳକୁ "ଟଙ୍କା କଣ ଗଛରେ ଫଳେ" ବୋଲି କହି ଫେରାଇ ଦେଇଥିଲେ। ସାଢ଼େ ୪କୋଟି ଓଡ଼ିଆଙ୍କୁ ସବୁବେଳେ ଅଣଦେଖା, ଅବହେଳା ଓ ଉପେକ୍ଷିତ କରିଛି କଂଗ୍ରେସ। ଆଜି ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିବାରୁ ଓଡ଼ିଶାର ଲୋକେ ଗର୍ବ ଅନୁଭବ କଲାବେଳେ କଂଗ୍ରେସର ବନ୍ଧୁମାନେ ଦୁଃଖିତ ଅଛନ୍ତି। ଯଦି କଂଗ୍ରେସର ଓଡ଼ିଶାଙ୍କ ଜନସାଧାରଣ ପ୍ରତି ଭଲପାଇବା ଅଛି ତାହାଲେ ତାଙ୍କ ନେତୃବୃନ୍ଦ ବିଚାରଧାରର ଉର୍ଦ୍ଧ୍ୱକୁ ଯାଇ ଏବଂ ଓଡ଼ିଶାର ସ୍ୱାର୍ଥ ଓ ଅସ୍ମିତାକୁ ଆଖିଆଗରେ ରଖି ନିଜର ନେତୃବୃନ୍ଦଙ୍କୁ ପ୍ରଭାବିତ କରି ଓଡ଼ିଶାର ଗୌରବ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରନ୍ତୁ। ନଚେତ ଭବିଷ୍ୟତରେ ଓଡିଶାବାସୀ ବିଚାର କରିବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ରାଜ୍ୟ ମୁଖପାତ୍ର ବିରଂଚି ନାରାୟଣ ତ୍ରିପାଠି ଏବଂ ଠାକୁର ରଞ୍ଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ବାଲିପାଳ ଗ୍ରାମରେ ବ୍ରହ୍ମଯଜ୍ଞ

ବାଲିଆପାଳ, ୨୪/୦୬ (ନି.ପ୍ର): ବାଲିପାଳ ଗ୍ରାମ ସ୍ଥିତ ମୁନି ରାଜ ଅନାଦି ବାରିକଙ୍କର ଏକ ଦୋକାନ ଗୃହ ପ୍ରତିଷ୍ଠା, ଫୁଲ୍‌ଓ୍ୱାରକସବା ଆଶ୍ରମର ପୂର୍ବତନ ଅଧକ୍ଷ ଯୋଗୀ ମଧୂସୂଦନ ପଣ୍ଡାଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଥିଲେ ଗୋଡିଖାଳ ସବ୍-ଜୋନ ସଙ୍ଗଠକ ମୁନି ରାଜ ଅମୂଲ୍ୟ ମୁନିଜୀ ମହୋଦୟ । ମୁଖ୍ୟ ବକ୍ତା ଥିଲେ, ହାତିଆଡିହା ଶିବମୁନି ଯୋଗାଶ୍ରମ ରୁ ଆସିଆରେଥିବା ବରେଣ୍ୟ ଯୋଗସାଧକ ଯୋଗୀ ପରମାନନ୍ଦ ମୁନିଜୀ ମହୋଦୟ ।ଉପସ୍ଥିତ ସମସ୍ତେ ଏକମନ,ଏକ ପ୍ରାଣ ଏକ୍‌ଆତ୍ମା ଏବଂ ଏକ ଭବନାରେ ତଲ୍ଲୀନ ହୋଇ ସମୂହ ପ୍ରଣବ,ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ ଆଶିର୍ବାଦ ପ୍ରଦାନ କରାଯାଇଥିଲା । ଶେଷରେ ମୁନି କୁମାର ଧନଞ୍ଜୟ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ଏବଂ ମାତା ମୁନି ମତୀ ପୂର୍ଣିମା ବାରିକ ସମସ୍ତଙ୍କୁ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରିବା ବିଜେପିର ନିଷ୍ପତ୍ତି, ଓଡ଼ିଆଙ୍କ ନିଷ୍ପତ୍ତି ନୁହେଁ : ଶରତ ପଟ୍ଟନାୟକ

ଭୁବନେଶ୍ୱର, ୨୪/୦୬ (ନି.ପ୍ର): ଆଗାମୀ ରାଷ୍ଟ୍ରପତି ନିର୍ବାଚନରେ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରିବା ବିଜେପିର ନିଷ୍ପତି, ଓଡ଼ିଆଙ୍କ ନିଷ୍ପତି ନୁହେଁ ବୋଲି କହିଛନ୍ତି ପିସିସି ସଭାପତି ଶରତ ପଟ୍ଟନାୟକ । ବିଜେପି ପକ୍ଷରୁ ଏହି ପ୍ରସଙ୍ଗକୁ ନେଇ କଂଗ୍ରେସକୁ ସମାଲୋଚନା କରାଯିବା ପରେ ଶ୍ରୀ ପଟ୍ଟନାୟକ ଏହା କହିଛନ୍ତି । ସେ କହିଛନ୍ତି ଯେ ଏହି ନିର୍ବାଚନରେ ବିଜେପି ଯେଭଳି ତାଙ୍କର ପ୍ରାର୍ଥୀକୁ ସମରର୍ଥନ କରୁଛି ସେଭଳି ଆମେ ଆମର ପ୍ରାର୍ଥୀଙ୍କୁ ସମର୍ଥନ କରିବୁ ।

ପାନୀୟ ଜଳ ପ୍ରକଳ୍ପ ସ୍ଥାନ ଚୟନକୁ ନେଇ ବବାଦ : ଜିଲ୍ଲାପାଳଙ୍କୁ ଫେରାଦ ହେଲେ ରଘୁନାଥପୁରବାସୀ

ବାଲେଶ୍ୱର,୨୪/୦୬ (ନି.ପ୍ର): 'ବସୁଧା' ଯୋଜନାରେ ପାନୀୟଜଳ ପ୍ରକଳ୍ପ ସ୍ଥାପନ ପାଇଁ ସ୍ଥାନ ଚୟନରେ ସୃଷ୍ଟି ହୋଇଥିବା ବିବାଦକୁ ନେଇ ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି ବସ୍ତା ବ୍ଲକ ଅସ୍ତି ଗ୍ରାମ ପଞ୍ଚାୟତର ରଘୁନାଥପୁର ଅଞ୍ଚଳବାସୀ। ଗ୍ରାମବାସୀଙ୍କ ଆପତି ଅନୁସାରେ ବସୁଧା ଯୋଜନାରେ ରଘୁନାଥୁରରେ ଏକ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ ପାଇଁ ସରକାରୀ ଅନୁଦାନ ମଞ୍ଜୁର ପରେ ଆରମ୍ଭ ହୋଇଥିଲା ସ୍ଥାନ ଚୟନ। ଏନେଇ ଗତ ମେ ମାସ ୧୨ ତାରିଖରେ ଅଞ୍ଚଳବାସୀଙ୍କ ନେଇ ଅନୁଷ୍ଠିତ ବୈଠକରେ ସ୍ଥାନ ଚୟନ ସହ ସେଠାରେ ପାନୀୟ ଜଳ ପ୍ରକଳ୍ପ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେହିକ୍ରମରେ ଜିଲା ଗ୍ରାମ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ଗ୍ରାମର କିଛି ଖଳ ପ୍ରକୃତିର ଲୋକଙ୍କ ପ୍ରରୋଚନାରେ ପଡ଼ି କାର୍ଯ୍ୟରତ ଠିକାଦାରଙ୍କ ଶ୍ରମିକ କର୍ମଚାରୀମାନେ ଗଭୀର ନଳକୂପ ଖନନ ବନ୍ଦ ସହ ଯନ୍ତ୍ରପାତିକୁ ନେଇଯାଇଥିବା ଗ୍ରାମବାସୀମାନେ କହିଛନ୍ତି। ଚୟନ ହୋଇଥିବା ସ୍ଥାନରେ ଏହି ପ୍ରକଳ୍ପ ପ୍ରତିଷ୍ଠା ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି। ଏନେଇ ସେମାନେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ୱାର୍ଡ଼ସଭ୍ୟ ବିଜୟ କୁମାର ଦାସ, ଶେଖ ଏ ଅଲି, ଗଦାଧର ରାଉତ, କବିତା କି